## ସଂକ୍ଷେପରେ

### ସୁରଜ ୧୯ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ପାଇଁ ମନୋନୀତ

କଣ୍ଟାବାଞ୍ଜି, ୨୨।୮(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ସୁରଜ ମହନ୍ତ ୧୯ବର୍ଷରୁ କମ୍ ବୟସର ଚେସ୍ ପ୍ରତିଯୋଗୀତା ପାଇଁ ସର୍ବଭାରତୀୟସ୍ତରରେ ମନୋନୀତ ହୋଇଛନ୍ତି। ସୂଚନା ଅନୁସାରେ ସୁନ୍ଦରଗଡଠାରେ ଅନୁଷ୍ଠିତ ୧୯ବର୍ଷରୁ କମ୍ ବୟସର ଚେସ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ସେ ଚତୁର୍ଥ ସ୍ଥାନ ପାଇ ଜାତୀୟ ସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି।

### ମନ୍ଦିର ଉନ୍ନୟନ କମିଟି ବୈଠକ

ଲୋଇସିଂହା, ୨୨।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଯୋଗେଶ୍ୱର ଧାମ ପୀଠ ମହାଶିବ ରାତ୍ରି ମେଳା ଏବଂ ମନ୍ଦିର ଉନ୍ନୟନ କମିଟିର ଏକ ବୈଠକ ସଭାପତି ଅଶୋକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ କାର୍ଯ୍ୟକାରୀ ସଦସ୍ୟ, ଉପଦେଷ୍ଟା ଉପସ୍ଥିତ ଥିଲେ । ଆସନ୍ତା ଶ୍ରାବଣ ପୂର୍ଣ୍ଣମୀ, କାର୍ତ୍ତିକ ଚତୁର୍ଦ୍ଦଶୀ ଓ ପୂର୍ଣ୍ଣମୀ ତିଥିରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉପରେ ଗୁରୁତ୍ୱ ଦେବାକୁ ଆଲୋଚନା କରାଯାଇଥିଲା । ଏହାବ୍ୟତୀତ ଆଗାମୀ ମହାଶିବ ରାତ୍ରି ମେଳାକୁ ଆକର୍ଷଣୀୟ କରାଯିବ ନେଇ ଖସଡା ପ୍ରସ୍ତୁତ ହୋଇଛି। ଏପରିକି ମନ୍ଦିର ଉନ୍ନୟନ ଏବଂ କେତେକ ମରାମତି କାମକୁ ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ବୈଠକରେ ସିଦ୍ଧାନ୍ତ ହୋଇଥିବା ସମ୍ପାଦକ ଅବିନାଶ ମିଶ୍ର ସୂଚନା ଦେଇଛନ୍ତି।

### ସିଆର୍‌ପି, ପ୍ରଗତିଶୀଳ କୃଷକଙ୍କ ତାଲିମ ଶିବିର

ଖପ୍ରାଖୋଲ, ୨୨।୮(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବେନକେରା ଗାଁରେ ମିଲେଟ ମିଶନ ଓ ଆତ୍ମା ବଲାଙ୍ଗୀରର ମିଳିତ ଉଦ୍ୟମରେ ସିଆରପି ଓ ଆଗୁଆ ଚାଷୀଙ୍କ ପାଇଁ ଦୁଇଦିନିଆ ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ପାଟଣାଗଡ ଏଡିଓ ବାବୁଲି ଚରଣ ସେଠୀ, ଖପ୍ରାଖୋଲ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସହକାରୀ କୃଷି ଅଧିକାରୀ ସୁମନ୍ତ କୁମାର ଖମାରି, କୃଷି ଅଧିଦର୍ଶକ ଚକ୍ରଧର ଦାସ, ପ୍ରତିଭା ବାରିକ, ଯୋଗଦେଇଥିଲେ। ଶିବିରରେ କ୍ଷୁଦ୍ର ଶସ୍ୟ ଚାଷ, ପାରମ୍ପରିକ କୃଷି , କମ୍ପୋଷ୍ଟ ବ୍ୟବହାର, ପ୍ରଦର୍ଶନୀ କ୍ଷେତ୍ର, ଖାଦ୍ୟ ରୂପେ ମାଣ୍ଡିଆ, କୁଦୋ, ଗୁର୍ଜି, କାଙ୍ଗୁ ଆଦିକୁ ବ୍ୟବହାର ସହ ଏହାର ଚାଷ ଓ ବୃଦ୍ଧି ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଂଯୋଜକ ଉମେଶ ଗୁପ୍ତା, ସମୀର ପାଣିଗ୍ରାହୀ, ଗଣେଶ ବନଛୋର, ଭୋଜରାଜ ବରିହା, ଫକୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମାଣ୍ଡିଆ କୋଦ, ଗୁର୍ଜି ଚାଷ କ୍ଷେତ୍ର ପରିଦର୍ଶନ କରାଯାଇଥିଲା।

### ପିଇଓ ସମୂହ ଛୁଟିରେ, ଉନ୍ନୟନ କାର୍ଯ୍ୟ ବ୍ୟାହତ

ଦେଓଗାଁ, ୨୨।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତର ତଥା ଜିଲାର ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ମାନେ ଗତ ୩ ଦିନ ହେଲା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ଫଳରେ ପଞ୍ଚାୟତ ମାନଙ୍କରେ ବିଭିନ୍ନ କାର୍ଯ୍ୟ ବ୍ୟାହତ ହୋଇଛି । ସାଧାରଣ ଲୋକେ ପଞ୍ଚାୟତକୁ ଆସି ନିରାଶରେ ଫେରୁଛନ୍ତି। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଘର ନିର୍ମାଣ କାମ ଚାଲିଥିବା ବେଳେ ବିଲ ପଇଠରେ ବିଳମ୍ବ ହେବା ନିଶ୍ଚିତ ହୋଇଛି। ପଞ୍ଚାୟତକୁ କାର୍ଯ୍ୟନିର୍ବାହୀ ନ ଆସିବା ଦ୍ୱାରା ଅନ୍ୟ କର୍ମଚାରୀ ମଧ୍ୟ କାମରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ଏଣୁ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ୧୩ ଦଫାରେ ଜିଲାପାଳ କାର୍ଯ୍ୟାଳୟ ଘେରାଉ

ନୂଆପଡା, ୨୨ ।୮ (ମକାରୁ ବେମାଲ)

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଣଦେଖା କରି ଏହାକୁ ଅସାମ୍ବିଧାନିକଭାବେ କ୍ଷୁଣ୍ଣ କରାଯାଉଛି । ୨୦୨୦-୨୧ ଆର୍ଥିକ ବର୍ଷ ପରେ ବିଭିନ୍ନ ପ୍ରଶାସନିକ ବଳରେ ଗ୍ରାମପଞ୍ଚାୟତର ସମସ୍ତ କ୍ଷମତା ଅପସାରଣ କରାଯାଇ ପଞ୍ଚାୟତ ସମିତି ହାତରେ ସମର୍ପିତ କରିଦିଆଯାଉଛି। ଏହାକୁ ବିରୋଧ କରି ଜିଲାପାଳ କାର୍ଯ୍ୟାଳୟ ପରିସରରେ ଜିଲା ସରପଞ୍ଚ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ନୂଆପଡା ଜିଲା ସରପଞ୍ଚ ସଂଘ ସଭାପତି ପ୍ରେମଲାଲ ନାଏକଙ୍କ ନେତୃତ୍ୱରେ ୧୩୧ ପଞ୍ଚାୟତର ସମସ୍ତ ସରପଞ୍ଚ ଏକତ୍ରିତ ହୋଇ ସ୍ଥାନୀୟ ପୋଲିସ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ଜିଲା କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।




ଶୋଭାଯାତ୍ରାରେ ବାରିଥିବା ସରପଞ୍ଚ ସଂଘ ।

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ୧୩ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ୭ ଦିନ ଭିତରେ ସରକାର ଦାବିଗୁଡିକ ସମାଧାନ ନ କଲେ ସମସ୍ତେ ଦାୟିତ୍ୱମୁକ୍ତ ଆନ୍ଦୋଳନ କରିବା ପାଇଁ ବାଧ ହେବେ ବୋଲି ଚେତାବନୀ ଦେଇଥିଲେ। ବିକ୍ଷୋଭରେ ଜିଲା ସମ୍ପାଦକ ଖୁଟୁରାମ ସୁନାନୀ, ଉପସଭାପତି କାଳିଆ ପ୍ରଧାନ, ସହସମ୍ପାଦକ ବୃନ୍ଦାବନ ବାଗ, କୋଷାଧକ୍ଷ ରାମଲାଲ ପଣ୍ଡା, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ନୀଳାଦ୍ରି ମେହେର, ଯୋଗେନ୍ଦ୍ର ବାଗ, ଖିରସିନ୍ଧୁ ଭୋଇ, ମିଥିଳା ନାଏକ, ସନ୍ତୋଷିନୀ ସୁନା, ଜିତେନ୍ଦ୍ର ଠାକୁର, ରାଏଧର ବଘେଲ ଓ ଜିଲାର ସମସ୍ତ ସରପଞ୍ଚ ସଂଘର ସଦସ୍ୟା ସଦସ୍ୟ ପ୍ରମୁଖ ସାମିଲ ଥିଲେ।

# ପୋଷା ମାଙ୍କଡ଼ ଉଦ୍ଧାର କଲା ବନ ବିଭାଗ

ଖପ୍ରାଖୋଲ, ୨୨।୮(ଅଭୟ ତ୍ରିପାଠୀ)

**ସିଗାରେଟ ଦିଆଯାଉଥିବା ଭିଡିଓ ହୋଇଥିଲା ଭାଇରାଲ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବନ ବିଭାଗ ଓଡ଼ିଆପାଲି ପଞ୍ଚାୟତ କପସିପାଲି ଗାଁରେ ବେଆଇନଭାବେ ଜଣେ ବ୍ୟକ୍ତି ଘରେ ରଖିଥିବା ମାଙ୍କଡକୁ ମଙ୍ଗବାର ଉଦ୍ଧାର କରିଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ମାଙ୍କଡକୁ ସିଗାରେଟ ଦେଉଥିବା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ପରେ ବଲାଙ୍ଗୀର ଡିଏଫଓ ନୀତିଶ କୁମାରଙ୍କ ନିର୍ଦ୍ଦେଶରେ ହରିଶଙ୍କର ରେଞ୍ଜ ଅଧିକାରୀ ସୁନିଲ କୁମାର ମିଶ୍ର, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ହରିଶଙ୍କର ବନପାଳ ସନ୍ଧ୍ୟାରାଣୀ ସେଠ, ପ୍ରାଣୀପ୍ରେମୀ ବଲାଙ୍ଗୀର କର୍ତ୍ତବ୍ୟ ଫାଉଣ୍ଡେସନ ସଭାପତି କାହ୍ନା ଶତପଥୀ ଓ ସାଥି କପସିପାଲି କୁଲତାପଡ଼ାରେ ପହଞ୍ଚି ମାଙ୍କଡକୁ ଉଦ୍ଧାର କରିଥିଲେ। ମାଙ୍କଡକୁ ଖପ୍ରାଖୋଲ ବନ ବିଭାଗ ଅଫିସରେ ରଖା ଯାଇଛି, ବୁଧବାର ଜଙ୍ଗଲରେ ଛଡ଼ାଯିବ ବୋଲି ରେଞ୍ଜ ଅଧିକାରୀ ମିଶ୍ର କହିଛନ୍ତି।

# ସଭାପତି ପଦ ପାଇଁ ଜଣେ ମାତ୍ର ମହିଳା ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ



ସଭାପତି ପଦବୀ ପାଇଁ ଇନ୍ଦୁମତି ଭୋଇ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି ।

କର୍ଲାମୁଣ୍ଡା, ୨୨।୮(ପ୍ରଦୀପ କୁମାର ସାହୁ)

**କର୍ଲାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ଲିଃ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ଲିଃର ସଭାପତି ପଦବୀ ପାଇଁ ମଙ୍ଗଳବାର ଜଣେ ମାତ୍ର ମହିଳା ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି। ସମବାୟ ପ୍ରାଥମିକ କୃଷି ସମିତିର ୧୫ ଜଣ ନିର୍ଦ୍ଦେଶକ/ନିର୍ଦ୍ଦେଶିକାଙ୍କ ମଧ୍ୟରୁ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ସତ୍ୟମ ରଣା, ରଥ ରଣା, ଭରତଚନ୍ଦ୍ର ବେହେରା, କ୍ଷମରାଜ ସାହୁ, ଆନନ୍ଦ ସାହୁ, କବିରାଜ ସାହୁ, ସୁକୃ ରଣା, ରାଜୀବ ସାହୁ, ଟିକ ବାଗ ପ୍ରମୁଖଙ୍କ ସମର୍ଥନରେ କର୍ଲାମୁଣ୍ଡା ବସ୍ତିର ନିର୍ଦ୍ଦେଶିକା ଇନ୍ଦୁମତି ଭୋଇ ସଭାପତି ପଦ ପାଇଁ ଜଣେ ମାତ୍ର ପ୍ରାର୍ଥିନୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେ ନିର୍ଦ୍ୱନ୍ଦ୍ୱରେ ବିଜୟ ଲାଭ କରିବା ଏକପ୍ରକାର ନିଶ୍ଚିତ ଥିବା ସୂଚନା ମିଳିଛି। କାରଣ ନିର୍ଦ୍ଧାରିତ ସମୟ ସୁଦ୍ଧା ଅନ୍ୟ କେହି ନାମାଙ୍କନ ପତ୍ର ଦାଖଲ କରି ନ ଥିବା ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ, ସମବାୟ ସମିତିର ସଭାପତି ଗୋବର୍ଦ୍ଧନ ଭୋଇଙ୍କ ବିୟୋଗ ପରେ ଏହି ପଦବୀ ଖାଲି ରହିଥିଲା। ଏହି ଅବସରରେ କର୍ଲାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ଲି. ର ନିର୍ବାଚନ ବିଜ୍ଞାପନ ସଂଖ୍ୟା ୨୩, ତା ୧୬।୮।୨୦୨୩ ଅନୁସାରେ ନିର୍ବାଚନ ଅଧିକାରୀ ଭାବେ ସୁଶିଲ ସାହୁ ଯୋଗଦେଇ ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ପ୍ରାଥମିକ କୃଷି ସମବାୟ ସମିତି ଲିଃର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ଶଙ୍କର ସାହୁ, ଡିଇଓ ଅଚିନ ଅନୁଭବ ଷଡଙ୍ଗୀ, ଯୁବନେତା ନନ୍ଦିକିଶୋର ଭୋଇ, ଚାଷୀ ନେତା ସ୍ୱାଗତ ଭୋଇ, ସୁବାଷ ଚନ୍ଦ୍ର ଭୋଇ, ଅର୍ଜ୍ଜୁନ ସାହୁ, ଆର. ସାହୁ, ଜଳନ୍ଧର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଶଯ୍ୟାଶାୟୀ ପଦ୍ମେ ପ୍ରତି ପ୍ରଶାସନର ଦୃଷ୍ଟିପଡୁ

ନୂଆପଡା, ୨୨।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବେଲରଦନା ଗାଁର ପଦ୍ମେ ମାଝି (୫୦) ଅଜଣା ରୋଗରେ ପୀଡ଼ିତ ହୋଇ ୪ ବର୍ଷରୁ ଉର୍ଦ୍ଧ ହେବ ଶଯ୍ୟାଶାୟୀ ହୋଇ ପଡିଛନ୍ତି । ଅର୍ଥ ଅଭାବ ଯୋଗୁ ସେ ଚିକିତ୍ସିତ ହୋଇପାରୁନାହାନ୍ତି। ପରିବାର କହିଲେ ସ୍ୱାମୀ ଚିନିଲାଲ ମାଝି (୫୫), ୪ ଝିଅପୁଅ ମୋହନ (୨୦), ଜାନକି(୧୬), ଭଗବାନୀ(୧୩) ଓ ନିନିତା(୯)। ୪ ବର୍ଷ ପୂର୍ବେ ପଦ୍ମେଙ୍କ ଡାହାଣ ଗୋଡ ଆଣ୍ଠୁ ପାଖରେ ଦରଜ ହୋଇ ଫୁଲିଗଲା। ଧୀରେ ଧୀରେ ଅଣ୍ଟା ଠାରୁ ତଳକୁ ଆଉ କାମ କଲା ନାହିଁ। ସେ ନିଜେ ଉଠା ବସା କରିପାରିଲେ ନାହିଁ । ପରିବାର ଲୋକେ ଜିଲା ତଥା ଜିଲା ବାହାର ଡାକ୍ତଖାନାକୁ ନେଇ ଚିକିତ୍ସା କଲେ ମଧ କିଛି ସୁଫଳ ମିଳିଲା ନାହିଁ। ଶେଷରେ ଶଯ୍ୟାଶାୟୀ ହୋଇ ଘରେ ପଡି ରହିଛନ୍ତି । ଚିକିତ୍ସାରେ




ସବୁ ଖର୍ଚ୍ଚ ହୋଇଯିବାରୁ ଝିଅପୁଅଙ୍କୁ ଆଉ ପାଠ ପଢ଼ାଇ ପାରିଲେ ନାହିଁ। ମୋହନ ମା'ର ଚିକିତ୍ସା ପାଇଁ ଦାଦନ ଯାଇଥିବା ବେଳେ ୨ ଝିଅ ଅନ୍ୟ ଘରେ ମୂଲ ଲାଗୁଛନ୍ତି । ଅତ୍ୟନ୍ତ ଗରିବ ପରିବାର ହୋଇ ଥିବାରୁ ସେ ଆବଶ୍ୟକ ଚିକିତ୍ସା କରିପାରୁ ନାହାନ୍ତି। ଜିଲା ପ୍ରଶାସନ ପକ୍ଷରୁ ଝିଅପୁଅଙ୍କ ପାଠ ପଢା, ଆବଶ୍ୟକ ଚିକିତ୍ସା ଓ ପଦ୍ମେଙ୍କୁ ଦିବ୍ୟାଙ୍ଗ ଭତ୍ତା ଯୋଗାଇ ଦେବା ପାଇଁ ଦାବି ହେଉଛି। ଏ ସଂକ୍ରାନ୍ତରେ କୋମନା ବିଡିଓଙ୍କୁ ପଚାରିବାରୁ, ପଦ୍ମେଙ୍କ ଦିବ୍ୟାଙ୍ଗ ସାର୍ଟିଫିକେଟ ତିଆରି କରି ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ କରାଯିବ ଏବଂ ଆବଶ୍ୟକ ଚିକିତ୍ସା ପାଇଁ କ'ଣ ସବୁ ଦରକାର ତଦନ୍ତ କରି ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ ।

# ତଦନ୍ତ ନିର୍ଦ୍ଦେଶ ଦେଲେ ଡିଏଫ୍‌ଓ

**ଦେଷଣ୍ଡ ଫରେଷ୍ଟ ବିଟ୍‌ରେ ମଦ ରନ୍ଧା ଘଟଣା**

■ପୋଲିସ, ଅବକାରୀ ବିଭାଗ ଚୁପ୍

ଦେଓଗାଁ, ୨୨।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଧିନ ଦେଷଣ୍ଡ ପୁରୁଣା ଫରେଷ୍ଟ ବିଟରେ ଦୀର୍ଘଦିନରୁ ଦେଶୀମଦ ରନ୍ଧା କାରବାର ଚାଲିଥିବା ବେଳେ ଜନପ୍ରତିନିଧି ଚଢ଼ାଉକରି ମଦ ସହ ରନ୍ଧା ସାମଗ୍ରୀ ଜବତ କରିଥିଲେ । ସ୍ଥାନୀୟ ଫାଣ୍ଡି ଅଧିକାରୀ ଓ ଅବକାରୀ ବିଭାଗକୁ ଏ ନେଇ ଫୋନକରି ଅବଗତ କରାଯାଇଥିଲା। କିନ୍ତୁ ଘଟଣାସ୍ଥଳରେ କେହି ନ ପହଞ୍ଚିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ପରେ ରାତି ୮ଟାରେ ବନ୍ଧପଡା ଫାଣ୍ଡି ଅଧିକାରୀ ସୁଦର୍ଶନ ଦୋରା ଘଟଣାସ୍ଥଳରେ ପହଞ୍ଚି କିଛି ସମୟ ପରେ ଫେରି ଯାଇଥିଲେ । ସ୍ଥାନୀୟ ସରପଞ୍ଚ ଯଶୋଦା ମେହେରଙ୍କ ଅଭିଯୋଗକ୍ରମେ ପୋଲିସ ମଦରନ୍ଧା ଘଟଣାରେ ସମ୍ପୃକ୍ତ ଥିବା ବନ ବିଭାଗର ଦୁଇ କର୍ମଚାରୀଙ୍କୁ ପଚରାଉଚୁରା ନ କରି ସେହି ବିଟ ହାଉସରେ ରହୁଥିବା ଏକ ଅସହାୟ ବୃଦ୍ଧଙ୍କୁ ପଚାରି ଚାଲି ଆସିଥିଲା। ବନବିଭାଗର ଦୁଇକର୍ମଚାରୀ ଅସହାୟ ବୃଦ୍ଧଙ୍କୁ ଢ଼ାଲ କରି ଖସିଯିବାପାଇଁ ଚକ୍ରାନ୍ତ ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀଙ୍କୁ ଏ ବିଷୟରେ ପଚାରିବାରୁ ଜଣେ ଅସହାୟ ବୃଦ୍ଧ ମୁଁ ରାନ୍ଧୁଥିଲି ବୋଲି ପୋଲିସ ପାଖରେ କହିଥିଲେ। କିନ୍ତୁ ସେ ବୃଦ୍ଧଙ୍କ ଶାରୀରିକ ସ୍ଥିତିକୁ ଦେଖିଲେ ଯେ କେହି ଏଥିରେ ଅନ୍ୟମାନଙ୍କ ସମ୍ପୃକ୍ତି ରହିଥିବା କହିବ। ସେହି ବିଟ ହାଉସକୁ ଦୁଇବର୍ଷ ହେଲା ବନ ବିଭାଗ ବନ୍ଦ କରିଥିବା ସୂଚନା ଦେଇଛି । ଯଦି ଫରେଷ୍ଟ ବିଟ୍ ବନ୍ଦ କରାଯାଇଥିଲା ତାହେଲେ ସେଠାରେ କର୍ମଚାରୀଙ୍କୁ ଡ୍ୟୁଟି କାହିଁକି ଦିଆଯାଇଥିଲା ତାହା ତଦନ୍ତ ସାପେକ୍ଷ । ଗଣମାଧମରେ ଖବର ପ୍ରକାଶ ପାଇବାପରେ ବଲାଙ୍ଗୀର ଡିଏଫଓ ନୀତିଶ କୁମାର ବନ୍ଧପଡା ଫରେଷ୍ଟର ମଧୁସୂଦନ ଗଡ୍ଡୁଆଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ଦାବି ପରେ ନିଯୁକ୍ତି ହେଲେ ଶିକ୍ଷକ

ଲୋଇସିଂହା, ୨୨।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୋପାଳପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ଆବଶ୍ୟକ ଶିକ୍ଷକ ନ ଥିଲେ। ଆବଶ୍ୟକ ଶିକ୍ଷକ ଯୋଗାଇ ଦେବା ଦାବିରେ ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ମଙ୍ଗଳବାର ବିଡିଓ ଆକାଶ ରଞ୍ଜନ ସାହୁ ଓ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନାକୁମାରୀ ବେହେରାଙ୍କ ଦ୍ୱାରସ୍ଥ ହୋଇଥିଲେ। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକ ଅଭାବ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଇଛି। ଆସନ୍ତା ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଗେର୍ଡି ୟୁଜିଏଚ୍‌ଏସ୍ ସ୍କୁଲର ଜଣେ ଶିକ୍ଷକଙ୍କୁ ଏଠାରେ ଅବସ୍ଥାପିତ କରାଯାଇଛି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୯୪ଜଣ ପଢୁଛନ୍ତି। ସିଆରସିସିଙ୍କ ସମେତ ୪ଜଣ ଶିକ୍ଷକ ଅବସ୍ଥାପିତ ଥିଲେ। ନିକଟରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଲେବେଲ ୩ ପ୍ରଧାନଶିକ୍ଷକ ପଦକୁ ପଦୋନ୍ନତି ପରେ ବାଦିବାହାଲ ସ୍କୁଲରେ ସେ ଯୋଗଦାନ କରିଛନ୍ତି। ଏବେ



ବ୍ଲକ ଅଧ୍ୟକ୍ଷ, ପରିଚାଳନା କମିଟି ସଭାପତିଙ୍କ ନେତୃତ୍ୱରେ ଆସିଥିବା ଗ୍ରାମବାସୀ ଦାବିପତ୍ର ଦେଉଛନ୍ତି।

**ଗୋପାଳପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

ବଦ୍ୟାଳୟରେ ୩ ଜଣ ଶିକ୍ଷକ ଅଛନ୍ତି। ଜଣେ ଶିକ୍ଷକ ସିଆରସିସି ଥିବାରୁ ବିଭିନ୍ନ ସ୍କୁଲ ଗସ୍ତ କରି ନିଜ କାମ କରୁଛନ୍ତି। ଫଳରେ ସେ ନିୟମିତ ଭାବେ ସ୍କୁଲକୁ ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ ମାତ୍ର ୨ ଜଣ ଶିକ୍ଷକରେ ବିଦ୍ୟାଳୟରେ ଶିକ୍ଷାଦାନର ଅଭାବ ଦେଖା ଦେଇଛି । ପରିଚାଳନା କମିଟି ସଭାପତି ଶୈଳେନ୍ଦ୍ର ଭୋଇ ଓ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲଙ୍କ ନେତୃତ୍ୱରେ ବିଇଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣୀ ବୈଷ୍ଣବଚନ୍ଦ୍ର ଷଡଙ୍ଗୀଙ୍କୁ ଦାବିପତ୍ର ଦେଇଥିଲେ । ଅପରପକ୍ଷେ ଗ୍ରାମବାସୀ ବିଡିଓ ସାହୁଙ୍କୁ ସାକ୍ଷାତ କରି ଦାବିପତ୍ର ଦେବାକୁ ଯାଇଥିଲେ। କୁଆଡେ ବିଡିଓ ସାହୁ ଗ୍ରାମବାସୀଙ୍କୁ ସନ୍ତୋଷଜନକ ବ୍ୟବହାର ପ୍ରଦର୍ଶନ କରି ନ ଥିଲେ । ଏଥିରେ ଅସନ୍ତୋଷବ୍ୟକ୍ତ କରି ଗ୍ରାମବାସୀ ବିଡିଓଙ୍କ ଅଫିସ ସମ୍ମୁଖରେ ପ୍ରତିବାଦ କରି ବସିଥିଲେ। ଖବର ପାଇ ଲୋଇସିଂହା ପୋଲିସ ଏବଂ ଜିଲା କଂଗ୍ରେସ ସଭାପତି ସେଠାରେ ପହଞ୍ଚିଲା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ବିଜେଡିର ସାଙ୍ଗଠନିକ ବୈଠକ

ମୁରିବାହାଲ, ୨୨।୮(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଚଣାବହାଲ ଗ୍ରାମ ପଞ୍ଚାୟତର ଲେଡାପଦରରେ ମଙ୍ଗଳବାର ବିଜୁ ଜନତା ଦଳର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେରଙ୍କ ସଭାପତିତ୍ୱରେ ୨୭ ଓ ୨୮ ନମ୍ବର ଜିଲା ପରିଷଦ ଜୋନର ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏଥିରେ ଜିଲା ବଜେଡି ସାଧାରଣ ସମ୍ପାଦକ ଫିରୋଜ ଖାଁ ଯୋଗଦେଇ ଦଳୀୟ ସଂଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବା ସହ ନବୀନ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମଗୁଡିକୁ ଘରେ ଘରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲା ପରିଷଦ ଉପାଧକ୍ଷା ମିଥିଳା ମାଝି, ପୂର୍ବତନ ବିଜେଡି ବ୍ଲକ ସଭାପତି ସିଦ୍ଧେଶ୍ୱର ଦାସ, ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ପୁଟେଲ, ପତ୍ରାପାଲି ସମିତି ସଭ୍ୟ ସନ୍ୟାସୀ ପୁଟେଲ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ପଟ୍ଟନାୟକ, ଦୁର୍ଯ୍ୟୋଧନ ବେହେରା, ଗୋବିନ୍ଦ ବଘାର, ଖେଡୁ ମାଝି, ଭୀମ ସେନ ବାଗ, ଶ୍ୟାମସୁନ୍ଦର ମେହେର, ଶେଷଦେବ ସା, ନୀଳମଣି ସହୁ, ହେମାସାଗର ସହୁ, ଉପସ୍ଥିତ ଥିଲେ ।

# ଶିକ୍ଷକ ନିଯୁକ୍ତି ଦାବି, ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ଖପ୍ରାଖୋଲ, ୨୦।୭(ଅଭୟ ତ୍ରିପାଠୀ)

**ତୁର୍ଲା ଆଶ୍ରମ ସ୍କୁଲ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ତୁର୍ଲା ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ନେଇ ଗ୍ରାମବାସୀ ବିଡ଼ିଓ ବିଜୟ କୁମାର ହୋତା ଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଥିବାବେଳେ ୪୦୭ ଛାତ୍ରୀଛାତ୍ର ଅଧୟନ କରୁଛନ୍ତି। ହେଲେ ବିଦ୍ୟାଳୟରେ ତିନି ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଥିବାରୁ ପାଠ ପଢା ବ୍ୟାହାତ ହେଉଛି। ସରକାରୀ ନିୟମ ଅନୁସାରେ ୧୨ ଜଣ ଶିକ୍ଷକ ନିଯୁକ୍ତ ହେବା କଥା। ଯଥାଶୀଘ୍ର ଶିକ୍ଷକ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଦର୍ଶନ ମେହେର, ଶୁଭକେଶି ନାଗ, ଗୁଣସାଗର ବରିହା, ଜ୍ୟୋତିରଞ୍ଜନ ପଣ୍ଡା, ବ୍ରହ୍ମା ସାହୁ ପ୍ରମୁଖ ଅବିଭାବକ ଓ ଗ୍ରାମବାସୀ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଗ୍ରାମବାସୀ।

# ସଚେତନତା ଦ୍ୱାରା କୁସଂସ୍କାର, ଅନ୍ଧବିଶ୍ୱାସ ରୋକାଯାଇ ପାରିବ

ଭବାନୀପାଟଣା, ୨୨।୮
(ଉତ୍ତମ କୁମାର ଦାଶ)

ସଚେତନତା କର୍ମଶାଳା ଦ୍ୱାରା ଡାହାଣୀଜନିତ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂର କରାଯାଇପାରିବ। ଗ୍ରାମାଞ୍ଚଳରେ ଏ ନେଇ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଶିକ୍ଷାର ଅଭାବ କୁସଂସ୍କାର, ଡାହାଣୀ ଓ ଗୁଣିଆ ଭଳି କୁପ୍ରଥା ତଥା ସାମାଜିକ କଳଙ୍କ ଦୂର କରିବାରେ ଅନ୍ତରାୟ ସୃଷ୍ଟି କରୁଛି ବୋଲି ମଙ୍ଗଳବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ 'ଡାହାଣୀ ପ୍ରଥାକୁ ନାଁ କହିବା' ସମ୍ପର୍କିତ ସଚେତନତା କର୍ମଶାଳାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ ଏହାର ବିଲୋପ ପାଇଁ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ସଚେତନତା କର୍ମଶାଳାରେ ଯୋଗ ଦେଇଥିବା ଅତିଥି ।

**'ଡାହାଣୀ ପ୍ରଥାକୁ ନା କହିବା' ସଂପର୍କିତ ସଚେତନତା କର୍ମଶାଳା**

ହୋଇଥିବା ବେଳେ ଏ ଦିଗରେ ସଚେତନତା ସୃଷ୍ଟି କରିବାକୁ କହିଥିଲେ। ରିସୋର୍ସ ପର୍ସନ ଭାବେ ମୁକ୍ତି କୁମାର କୁଲୁ, ଝାରସୁଗୁଡ଼ା ଜିଲା ସଂଯୋଜକ ପୀତବାସ ବେହେରା ଯୋଗଦେଇ କର୍ମଶାଳାର ଲକ୍ଷ୍ୟ, ଉଦ୍ଦେଶ୍ୟ, ଓଡ଼ିଶା ଡାହାଣୀ ଶିକାର ପ୍ରତିରୋଧ ଅଧିନିୟମ ୨୦୧୩ ଓ ଦଣ୍ଡବିଧାନ ସମ୍ବନ୍ଧରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ପ୍ରସାଦ ଗୁରୁ, ଡିଡବ୍ଲୁଓ, ଡିଏସଡବ୍ଲୁଓ, ଡିସିପିଓ, ସମସ୍ତ ବ୍ଲକ ସିଡିପିଓ, ସୁପରଭାଇଜର, କଲେଜ ଛାତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଡିଏସଡବ୍ଲୁ ଓ ପ୍ରଭାତି ରାଣୀ ତ୍ରିପାଠୀ କର୍ମଶାଳା ପରିଚାଳନା କରିଥିଲେ। ପିଓ ନିୟତିବାଳା ସୋରେନ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

# କଳାପଥର ଗାଁରୁ ଅଜଗର ସାପ ଉଦ୍ଧାର

### ଛେଳିକୁ ଗିଳୁଥିଲା, ଜଙ୍ଗଲରେ ଛଡ଼ାଗଲା



ସୋନପୁର/ଅମରପାଲି ୨୨।୮ (ମୃତ୍ୟୁଞ୍ଜୟ ଶତପଥୀ/ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥର ଗାଁରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ସାପଟି ଗାଁର ଶବଦାହ ଗୃହ ନିକଟରେ ଏକ ଛେଳିକୁ ଗିଳିବାକୁ ଉଦ୍ୟମ କରୁଥିଲା। ଛେଳିର ରଡି ଶୁଣି ଗାଁ ଲୋକ ଘଟଣାସ୍ଥଳରେ ରୁଣ୍ଡ ହୋଇଥିଲେ। ଏ ସମ୍ପର୍କରେ ଉଲୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଯାଲୋଏ ବନପାଳଙ୍କୁ ଗ୍ରାମବାସୀ ସୂଚନା ଦେଇଥିଲେ। ବନବିଭାଗର କର୍ମଚାରୀମାନେ ସାପକୁ ଉଦ୍ଧାର କରି କୋଟସମଲାଇ ଜଙ୍ଗଲରେ ଛାଡିଥିବା ଉଲୁଣ୍ଡା ବନାଞ୍ଚଳ ଅଧିକାରୀ ସଞ୍ଜୟ କୁମାର ରାଉତ ସୂଚନା ଦେଇଛନ୍ତି। ସାପର ଲମ୍ବ ପ୍ରାୟ ୮ ଫୁଟ ହେବ। ତେବେ ଛେଳିର ମୁଣ୍ଡକୁ ସାପଟି ଗିଳିବା ସହ ଲାଞ୍ଜରେ ଗୁଡାଇ ଦେବାରୁ ତାର ମୃତ୍ୟୁ ହୋଇଛି। ଏହି ସାପ ସ୍ଥାନୀୟ କଳାପଥର ନିକଟସ୍ଥ ଚାନ୍ଦଲି ସଂରକ୍ଷିତ ଜଙ୍ଗଲରୁ ବନ୍ୟାରେ ଚାଲି ଆସିଥିବା ଜଣାପଡିଛି।

# କଣ୍ଟାମାଳରେ ନୂତନ ଥାନାଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଘଣ୍ଟାପଡ଼ା, ୨୨।୮ (ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅଧିକାରୀ ନଳିନୀକାନ୍ତ ଦାସଙ୍କ ହରଭଙ୍ଗା ଥାନାକୁ ବଦଳି ପରେ ତାଙ୍କ ସ୍ଥାନରେ ନୂତନ ଥାନାଧିକାରୀ ଭାବେ ଗୋପୀନାଥ ପ୍ରଧାନ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ମନମୁଣ୍ଡା ଓ ପରେ ସଦର ଥାନାରେ ଥାନା ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ କଣ୍ଟାମାଳ ବ୍ଲକ ସାମ୍ବାଦିକ ସଂଘ ସଦସ୍ୟମାନେ ନୂତନ ଥାନାଧିକାରୀ ପ୍ରଧାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅଞ୍ଚଳବାସୀଙ୍କ ସହଯୋଗରେ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ସୁଦୃଢ଼ କରିବା ପାଇଁ ସେ ସବୁପ୍ରକାର ଉଦ୍ୟମ କରିବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ।

# ଗାଁ ଗାଁରେ ନାରାୟଣଙ୍କୁ ସ୍ୱାଗତ

ବିନିକା, ୨୨।୮ (ରାମ ଗୋପାଳ ବାଘ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ସୁବର୍ଣ୍ଣପୁର ଜିଲା ବିନିକାରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ଟିକେଟ ଆଶାୟୀ ବିଭିନ୍ନ ରାଜନୈତିକ ଦଳର ନେତା ଗାଁକୁ ଗାଁ ଯାଇ ଲୋକଙ୍କୁ ଭେଟୁଛନ୍ତି। ତେବେ ଏସବୁ ଭିତରେ ଏବେ ଯୁବ ବିଜେଡି ନେତା ନାରାୟଣ ଲୁହାଙ୍କ ପ୍ରତି ଗାଁ ଗାଁରେ ସମର୍ଥନ ଦେଖିବାକୁ ମିଳୁଛି। ଗାଁଗୁଡିକରେ ତାଙ୍କୁ ଲୋକେ ସ୍ୱାଗତ କରୁଛନ୍ତି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ବୀରମହାରାଜପୁର ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟ ଦୌଡରେ ଅଛନ୍ତି ନାରାୟଣ। ଲୋକାଭିମୁଖୀ ଯୋଜନାକୁ ନେଇ ନିର୍ବାଚନମଣ୍ଡଳୀର ବିଭିନ୍ନ ଗାଁକୁ ପ୍ରତ୍ୟେକ ଦିନ ଗସ୍ତ କରୁଛନ୍ତି। ଗାଁରେ ନାରାୟଣଙ୍କ ନେତୃତ୍ୱକୁ ଲୋକେ ପସନ୍ଦ କରିବା ଦେଖିବାକୁ ମିଳୁଛି। ରବିବାର ବିନିକା ବ୍ଲକ ଗସ୍ତ କରିଥିବା ବେଳେ ଭଣ୍ଡାର ଗାଁକୁ ପ୍ରଥମେ ଗସ୍ତ କରିଥିଲେ। ଭଣ୍ଡାର ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ଉପସ୍ଥିତିରେ ଗାଁରେ ସଭା ଅନୁଷ୍ଠିତ ହୋଇଥିଲା। ପରେ ସିନ୍ଦୁରପୁର ପଞ୍ଚାୟତର ଚେରୁପାଲି ଗାଁରେ ମଧ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା। ସେଠାରେ ମଧ୍ୟ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ପୂର୍ବତନ ସରପଞ୍ଚ ଗୋପାଳ ବାଘ, ମହେଶ୍ୱର ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ନାରାୟଣ ୨୦୧୨ରେ ପ୍ରଥମ ଥର ରାଜନୀତିରେ ପାଦ ଦେଇ ନିଜ ପଞ୍ଚାୟତର ସରପଞ୍ଚ ହୋଇଥିଲେ। ବର୍ତ୍ତମାନ ସେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ଓ ତାଙ୍କ ସ୍ତ୍ରୀ ଶାନ୍ତି ଲୁହା ଅଧ୍ୟକ୍ଷା ଅଛନ୍ତି। କଲେଜ ପଢିବା ସମୟରୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ ରଖିଛନ୍ତି।

# କାର୍ଯ୍ୟକ୍ଷମ ହେଉନି ଡିଆରସିଏସ୍, ଏଏଜିସିଏସ୍ ଅଫିସ

ସୋନପୁର, ୨୨।୮ (ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟରେ ଓଡିଶା ସମବାୟ ସେବା କ୍ୟାଡର ପୁନର୍ଗଠନ କରାଯାଇଛି। ଏହି କ୍ରମରେ ଓଡିଶା ସରକାରଙ୍କ ସମବାୟ ବିଭାଗ ପକ୍ଷରୁ କାର୍ଯ୍ୟାଳୟ ଆଦେଶ ନଂ ୫୯୧୯/୧୭।୦୫।୨୦୨୩ ରେ ସୁବର୍ଣ୍ଣପୁରରେ ଉପନିବନ୍ଧକ ସମବାୟ ସମିତି ବିଭାଜନ(ଡିଆରସିଏସ୍) କାର୍ଯ୍ୟାଳୟ ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହିପରି ସମବାୟ ବିଭାଗ କାର୍ଯ୍ୟାଳୟ ଆଦେଶ ନଂ ୫୯୪୦/୧୭।୦୫।୨୦୨୩ ରେ ସୁବର୍ଣ୍ଣପୁରରେ ଆସିଷ୍ଟାଣ୍ଟ ଅଡିଟର ଜେନାରାଲ ଅଫ କୋଅପରେଟିଭ୍ ସୋସାଇଟି(ଏଏଜିସିଏସ୍) କାର୍ଯ୍ୟାଳୟ ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଗତ ମେ ମାସ ୧୭ ତାରିଖରୁ ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ପାଇଥିଲା ବେଳେ ଏ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲାରେ ଡିଆରସିଏସ୍ ଓ ଏଏଜିସିଏସ୍ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇପାରିନି। ନୂତନ ଅଫିସ ପାଇଁ ସରକାର ଅଧିକାରୀ ମଧ୍ୟ ନିଯୁକ୍ତି କରିନାହାନ୍ତି। ଏଥିପାଇଁ ଜିଲାର ବୁଦ୍ଧିଜୀବୀ ଓ ସମବାୟବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

୧୯୯୩ ମସିହା ଏପ୍ରିଲ ୧ ତାରିଖରେ ରାଜ୍ୟ ସରକାର ସୋନପୁର ଉପଖଣ୍ଡକୁ ନୂତନ ଭାବେ ସୁବର୍ଣ୍ଣପୁର ଜିଲା କରିଥିଲେ। ଜିଲା ଗଠନର ଇତିମଧ୍ୟରେ ୩୦ ବର୍ଷ ବିତିଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ଜିଲାରେ ସମସ୍ତ ଜିଲାସ୍ତରୀୟ କାର୍ଯ୍ୟାଳୟ ଖୋଲିପାରିନି। ବଲାଙ୍ଗୀର ଡିଆରସିଏସ୍ ଓ ଏଏଜିସିଏସ୍ ଅଫିସ ଅଧୀନରେ ସୁବର୍ଣ୍ଣପୁର ଜିଲାର ସମବାୟ ସମିତିଗୁଡିକ ଏବେ ବି ପରିଚାଳିତ ହେଉଛି। ସହକାରୀ ନିବନ୍ଧକ ସମବାୟ ସମିତି ସମୂହ(ଏଆରସିଏସ୍) ସୋନପୁର ମଣ୍ଡଳ ଓ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ(ଏଆରସିଏସ୍) ବୀରମହାରାଜପୁର ମଣ୍ଡଳ ବଲାଙ୍ଗୀର ଡିଆରସିଏସ୍ ଅଧୀନରେ ରହିଛି। ରାଜ୍ୟ ସମବାୟ ବିଭାଗର ବିଜ୍ଞପ୍ତି ଅନୁଯାୟୀ ସୋନପୁର ଏଆରସିଏସ ଅଫିସ ଅପଗ୍ରେଡ୍ ହୋଇ ସୁବର୍ଣ୍ଣପୁର ଡିଆରସିଏସ୍ ବିଭାଜନ ଅଫିସ ହେବ। ଏହା ଅଧୀନରେ ସୋନପୁର ଓ ବୀରମହାରାଜପୁର ଏଆରସିଏସ୍ ମଣ୍ଡଳ ରହିବ। ସୁବର୍ଣ୍ଣପୁର ଡିଆରସିଏସ୍ ଅଫିସରେ ଜଣେ ଡିଆରସିଏସ୍ ଓ ଜଣେ ଜୁନିୟର ଏଆରସିଏସ୍‌ଙ୍କୁ ନିଯୁକ୍ତି ମିଳିବ। ସେହିପରି ସୋନପୁର ଓ ବୀରମହାରାଜପୁର ଏଆରସିଏସ୍ ଅଫିସରେ ଜଣେ ସିନିୟର ଏଆରସିଏସ ଓ ଜଣେ ଏଆରସିଏସ୍ ରହିବେ। ସୁବର୍ଣ୍ଣପୁର ଜିଲାରେ ପୂର୍ବରୁ ୬୬ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଥିବା ବେଳେ ଏବେ ପୁଣି ୬ଟି ନୂଆ ପ୍ୟାକ୍ସ ଗଠନ ହୋଇଛି। ସେହିପରି ୬୩ଟି ପ୍ରାଥମିକ ବୁଣାକାର ସହଯୋଗ ସମବାୟ ସମିତି(ଡବ୍ଲ୍ୟୁସିଏସ), ୨ଟି ଗୃହ ନିର୍ମାଣ ସମବାୟ ସମିତି, ୨ଟି ଆଞ୍ଚଳିକ ସମବାୟ ବାଣିଜ୍ୟ ସମିତି, ୨ଟି ରେଶମ ସମବାୟ ସମିତି, ୨ଟି କର୍ମଚାରୀ ସମବାୟ ସମିତି, ୩୪ଟି ଦୁଗ୍ଧ ସମବାୟ ସମିତି, ୪ଟି ମଲ୍ଟି ପରପଜ ସମବାୟ ସମିତି ଓ ୬ଟି ଶିଳ୍ପ ସମବାୟ ସମିତି ଜିଲାରେ ରହିଛି। ଏହି ସମିତିଗୁଡିକର ଅଡିଟ୍ ଓ ଅନ୍ୟାନ୍ୟ କାମ ବଲାଙ୍ଗୀର ଏଏଜିସିଏସ୍‌ରେ ହେଉଥିଲା। ତେଣୁ ସମିତି ଗୁଡିକର ସୁବିଧା ପାଇଁ ସୁବର୍ଣ୍ଣପୁରରେ ଏଏଜିସିଏସ୍ ଅଫିସ ଖୋଲିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି। ସମବାୟ ସଂସ୍ଥାଗୁଡିକୁ ସହଯୋଗ, ପ୍ରୋତ୍ସାହନ ଓ ସହାୟତା ମିଳିଲେ ସେମାନେ ସ୍ୱୟଂଶାସିତ ଭାବେ କାର୍ଯ୍ୟ କରିପାରିବେ। ଏହା ସ୍ଥାନୀୟ ଅଞ୍ଚଳର ଅର୍ଥନୀତିକୁ ସମୃଦ୍ଧ କରିପାରିବ। ଏଥିପାଇଁ ସରକାର ଜାତୀୟ ସମବାୟ ନୀତି ପ୍ରସ୍ତୁତ କରିବାକୁ ଯାଉଛନ୍ତି। କିନ୍ତୁ ରାଜ୍ୟରେ ସମବାୟ ସମିତିଗୁଡିକୁ ଆବଶ୍ୟକ ସହଯୋଗ ମିଳୁନି। ରାଜ୍ୟ ସରକାର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସୁବର୍ଣ୍ଣପୁରରେ ଏହି ଦୁଇ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରିବାକୁ ଜିଲାବାସୀଙ୍କ ପକ୍ଷରୁ ଦାବି ହେଉଛି।



ଅପଗ୍ରେଡ୍ ହେବାକୁ ଥିବା ସୋନପୁର ଏଆରସିଏସ୍ ଅଫିସ।

### ମେ ମାସରୁ ବିଜ୍ଞପ୍ତି ପ୍ରକାଶ ପାଇଲାଣି





@ କୃପାସିନ୍ଧୁ



@ ସତ୍ୟବ୍ରତ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରେଡକ୍ରସରେ ସାମିଲ ହୋଇ ମାନବ ସେବାରେ ବ୍ରତୀ ହୁଅ




ମଞ୍ଚାସୀନ ଅତିଥିବୃନ୍ଦ।

ଅମରପାଲି, ୨୨।୮ (ପୀତାମ୍ବର ସାହୁ)

### ସୁବଳୟାରେ ଯୁବ ରେଡ଼କ୍ରସ ପ୍ରବେଶ ଉତ୍ସବ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାସ୍ଥିତ ହାୟର ସେକେଣ୍ଡାରୀ ସ୍କୁଲରେ ଯୁବ ରେଡ଼କ୍ରସର ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ସୁବଳୟା ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଭୋଲାନାଥ କର୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରବେଶ ଉତ୍ସବରେ ବୀରମହାରାଜପୁର ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ବିଜୟ ପୁରୋହିତ ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଯୁବ ରେଡକ୍ରସରେ ସାମିଲ ହୋଇ ମାନବ ସେବା କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ରେଡକ୍ରସ ପରାମର୍ଶଦାତା ରମାକାନ୍ତ ପୁରୋହିତ ଯୋଗଦେଇ ରେଡକ୍ରସର ବିଭିନ୍ନ ସେବା କାର୍ଯ୍ୟ ଉପରେ ଥିବା ଅନୁଭୂତି ବର୍ଣ୍ଣନା କରିଥିଲେ। ଯୁବ ରେଡକ୍ରସ ପରାମର୍ଶଦାତା ଦେବାଶିଷ ପଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝୁନା ମେହେର, ଅନ୍ନଦା ମିଶ୍ର, ମିନତୀ ପଧାନ, ଦିଲୀପ ମେହେର, ଗୋପାଳ ଭୋଇ, ସୁରେନ୍ଦ୍ର ସାହୁ, ହରିହର ସାହୁ ଓ ଶମ୍ଭୁପ୍ରସାଦ ସାହୁ ପ୍ରମୁଖ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରେଡକ୍ରସ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଋଣ ନବୀକରଣ ନାମରେ ଟଙ୍କା ହଡ଼ପ ଅଭିଯୋଗ

କଣ୍ଟାମାଳ, ୨୨।୮ (ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଶୁଣ୍ଡିପଦର ପ୍ୟାକ୍ସରେ ଋଣ ନବୀକରଣ ନାମରେ ବ୍ଲାଙ୍କଚେକ୍ ନେଇ ଟଙ୍କା ହଡ଼ପ ଅଭିଯୋଗ ହୋଇଛି। ଜିଲାପାଳଙ୍କଠାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ନାଦିଆନଗର ଗାଁର ଚାଷୀ ବେଦବ୍ୟାସ କର୍ଣ୍ଣ ଶୁଣ୍ଡିପଦର ପ୍ୟାକ୍ସରୁ ଗତ ଖରିଫ ଋତୁର ଧାନ ଚାଷ ନିମନ୍ତେ ୨୭ ହଜାର ଟଙ୍କା ଓ ୪ ବସ୍ତା ସାର ଋଣ ଭାବରେ ନେଇଥିଲେ। ତେବେ ଚଳିତ ଖରିଫ ଋତୁରେ ସେ ଜାଣିବାକୁ ପାଇଲେ ଯେ ତାଙ୍କ ଋଣଖାତାରେ ୬୪ ହଜାର ଟଙ୍କା ଅନାଦେୟ ଦେଖାଉଛି। ଏ ନେଇ ସେ ସମ୍ପାଦକଙ୍କ ସହ ଆଲୋଚନା କରିବାରେ ସମ୍ପାଦକ ତାଙ୍କୁ ବ୍ଲାଙ୍କ ଚେକ୍‌ରେ ସ୍ୱାକ୍ଷର କରିବାକୁ କହିଥିଲେ। କର୍ଣ୍ଣ ଅରାଜି ହେବାରୁ ସମ୍ପାଦକ ତାଙ୍କୁ ଆଇନର ଆଶ୍ରୟ ନେବାକୁ କହିଥିଲେ। କର୍ଣ୍ଣଙ୍କ ଅଭିଯୋଗ ଅନୁଯାୟୀ ଶୁଣ୍ଡିପଦର ପ୍ୟାକ୍ସର ସମ୍ପାଦକ ଋଣ ନବୀକରଣ ନାମରେ ବ୍ଲାଙ୍କ ଚେକ୍ ନେଇ ଋଣ ପ୍ରଦାନରେ ଜାଲିଆତି କରୁଛନ୍ତି। ଏହା ଦ୍ୱାରା ଚାଷୀ ଶୋଷଣର ଶିକାର ହେଉଛି। ଏହାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ୟାକ୍ସ ସମ୍ପାଦକ ଲାଲ ବିହାରୀ ବରଗିଙ୍କୁ ପଚାରିବାରେ ସେ ଅଭିଯୋଗକୁ ଅସ୍ୱୀକାର କରି ଉକ୍ତ ଚାଷୀଙ୍କ ନାମରେ ବହୁବର୍ଷର ଅନାଦେୟ ଋଣ ରହିଛି ଓ ସମସ୍ତ କାରବାର କମ୍ପ୍ୟୁଟରୀକୃତ ହୋଇଥିବାରୁ କିଛି ଜାଲିଆତି ନାହିଁ ବୋଲି କହିଛନ୍ତି।

# ତୈଳିକ ବୈଶ୍ୟ ସମାଜର ବୈଠକ



ବାଗବର ଚନ୍ଦ୍ରମଣି ମଠରେ ତୈଳିକ ବୈଶ୍ୟ ସମାଜର ବୈଠକରେ ଉପସ୍ଥିତ ସମାଜର କର୍ମକର୍ତ୍ତା।

ଅମରପାଲି, ୨୨।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବାରସ୍ଥିତ ଚନ୍ଦ୍ରମଣି ମଠରେ ତୈଳିକ ବୈଶ୍ୟ ସମାଜର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜର ବ୍ଲକ ସଭାପତି ଗଙ୍ଗାଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜାତି ସମାଜରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା, ଆୟବ୍ୟୟର ହିସାବ ଓ ସମାଜ କଲ୍ୟାଣ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ସୋନପୁର ଜିଲା ସଭାପତି ଧନଞ୍ଜୟ ସାହୁ, ସଂପାଦକ ଦୁଃଖିଶ୍ୟାମ ସାହୁ, ସହ ସଂପାଦକ ଗଜାନନ ସାହୁ, ବିନକା ବ୍ଲକ ସଂପାଦକ ରାମଚନ୍ଦ୍ର ସାହୁ, ଉଲୁଣ୍ଡା ବ୍ଲକ କୋଷାଧ୍ୟକ୍ଷ କିଶୋର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ଶୃଙ୍ଖଳା ପାଇଁ ଜାତି ସମାଜର ସୁରକ୍ଷା ଜରୁରୀ

ସମାଜରେ ଶୃଙ୍ଖଳା ପାଇଁ ଜାତି ସମାଜର ସୁରକ୍ଷା ଜରୁରୀ ବୋଲି ଉପସ୍ଥିତ ସମାଜର କର୍ମକର୍ତ୍ତା ମତବ୍ୟକ୍ତ କରିଥିଲେ। ଏଥିରେ ବୀରମହାରାଜପୁର ବ୍ଲକର ଉପଦେଷ୍ଟା ଗୋପୀନାଥ ସାହୁ, କୋଷାଧ୍ୟକ୍ଷ ସୁରୁବାବୁ ସାହୁ, ବୁଧୁରାମ ସାହୁ, ସୁବର୍ଣ୍ଣ ସାହୁ, ରାଜୁ, ସୁରୁ, ପ୍ରମୋଦ, ଛବିଳ, ପ୍ରହଲ୍ଲାଦ, ଦିଗାମ୍ବର, ଶ୍ରୀବତ୍ସ, ଘାସିରାମ, ସୁଦର୍ଶନ, ଖଗେଶ୍ୱର, ବିରୁପାକ୍ଷ, ସୁବାସ କୃପାସିନ୍ଧୁ, ପୁରୁଷୋତ୍ତମ ପ୍ରମୁଖ ତୈଳିକ ସାହୁ ସମାଜ ଉପସ୍ଥିତି ରହି ନିଜ ନିଜ ମତ ପ୍ରଦାନ କରିଥିଲେ।

# କଣ୍ଟାମାଳ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି

ଘଣ୍ଟାପଡ଼ା, ୨୨।୮ (ପ୍ରଭାତ କୁମାର ସାହୁ)



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

କଣ୍ଟାମାଳ ବ୍ଲକ ସମ୍ମିଳନୀ କକ୍ଷରେ ବୌଦ୍ଧ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ଉପଜିଲାପାଳ ରବୀନ୍ଦ୍ର ନାଥ କହଁର, ଜିଲାପରିଷଦ ନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ସହକାରୀ ଜିଲାପାଳ ଚନ୍ଦ୍ରକାନ୍ତ ବେହେରା, ବିଡ଼ିଓ କଳା କୃଷ୍ଣ ପ୍ରଧାନ, ତହସିଲଦାର କର୍ଣ୍ଣ ମଲ୍ଲିକ, ବ୍ଲକ ଶିକ୍ଷା ଅଧିକାରୀ ସନୋଜ ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୂଜାହାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂ ପ୍ରମୁଖ ଯୋଗଦାନ କରି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଶିବିରରେ ସମୁଦାୟ ୧୦୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରେ ୯୬ଟି ବ୍ୟକ୍ତିଗତ ଓ ୧୧ଟି ସାମୂହିକ ରହିଥିଲା। ୯ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬୨ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ମିଶନ ଶକ୍ତି ସ୍କୁଟର ଯୋଜନାରେ ଋଣ ମଞ୍ଜୁରୀ

ଅମରପାଲି, ୨୨।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲାରେ ସରକାରଙ୍କ ମିଶନ ଶକ୍ତି ସ୍କୁଟର ଯୋଜନାରେ ୭ ଜଣଙ୍କ ଋଣ ମଞ୍ଜୁର କରାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ପାଇଁ ସ୍କୁଟର ଯୋଜନା କରାଯାଇଛି। ଏହି ଯୋଜନାରେ ସୁବର୍ଣ୍ଣପୁର ଜିଲାରେ ପ୍ରଥମ କରି ବୀରମହାରାଜପୁରସ୍ଥିତ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ୭ ଜଣ ସଦସ୍ୟାଙ୍କୁ ଋଣ ପ୍ରଦାନ କରିଛି। ମଙ୍ଗଳବାର ବ୍ୟାଙ୍କ ପରିସରରେ ଶାଖା ପରିଚାଳକ ରଞ୍ଜନ ମିଶ୍ର ଯୋଗଦେଇ ସମସ୍ତ ଋଣ ଗ୍ରହିତାଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ସଂଯୋଜିକା ବିଥିକା ରାଣୀ ମିଶ୍ରଙ୍କ ସମେତ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଥିଲେ।

# କେନଝରିଆପାଲି ପଞ୍ଚାୟତ ମହାସଂଘର ସାଧାରଣ ବୈଠକ

ଅମରପାଲି, ୨୨।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ପଞ୍ଚାୟତ ସ୍ତରୀୟ ମହାସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ସସ୍ମିତା ଦୀପ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ବିଶି, ସଭାନେତ୍ରୀ ଅଞ୍ଜଳି କର୍ଣ୍ଣ, ଉପସଭାନେତ୍ରୀ ସୌଦାମିନୀ ପ୍ରଧାନ, ସମ୍ପାଦିକା କୌଶଲ୍ୟା ଆଡଜୁଆଲି, ଯୁଗ୍ମ ସମ୍ପାଦିକା ରଶ୍ମିତା ମହାରଣା, କୋଷାଧ୍ୟକ୍ଷା ଗନ୍ଧର୍ପି କଲତା, ନଥିପତ୍ର ଲେଖିକା ଗୀତାଞ୍ଜଳୀ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ପଞ୍ଚାୟତର ବିଭିନ୍ନ ଇସି ସଭ୍ୟା, ସିଆରପି, ୱାର୍ଡ ସଭ୍ୟ, ଆଶା, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ। ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷର ଆୟବ୍ୟୟ ଅଟକଳ, ବିଭିନ୍ନ ଯୋଜନା ଓ ଜୀବନ ଜୀବିକା ବିଷୟରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ପାଇଁ ଶ୍ରେଷ୍ଠ ସିଆରପି ଭାବରେ ଯଶୋବନ୍ତି ବଘାର, ଶ୍ରେଷ୍ଠ ସ୍ୱୟଂ ସହାୟିକା ଗୋଷ୍ଠୀ ଭାବରେ ବଳିପାଲିର ଜୟ ମା' ଭୁବନେଶରୀ, ଶ୍ରେଷ୍ଠ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଭାବରେ ସ୍ୱର୍ଣ୍ଣଲତା ପଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସଭାନେତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବ୍ୟବସ୍ଥା ଘେରରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ବୌଦ୍ଧ, ୨୨।୮ (ଅଜିତ କୁମାର ବାରିକ)



ବାଦିକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

ବୌଦ୍ଧ ବ୍ଲକ ଅଇଁଲାପାଲି ପଞ୍ଚାୟତ ବାଦିକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ପ୍ରତି ଅବ୍ୟବସ୍ଥା ଘେରରେ ରହିଛି। ୧୯୧୦ ମସିହାରେ ନିର୍ମିତ ଏହି ପୁରାତନ ବିଦ୍ୟାଳୟରେ ବର୍ତ୍ତମାନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୭୫ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପାଠପଢା ଚାଲୁଛି। ବିଦ୍ୟାଳୟର ଅଧା ପାଚେରି ନିର୍ମାଣ ହୋଇଥିବାବେଳେ ବାକି ଅଧାରେ ନାହିଁ। ଛାତ୍ର ଓ ଛାତ୍ରୀଙ୍କ ପାଇଁ ନିର୍ମିତ ପରିସ୍ରାଗାର ପାଖାପାଖି ଥିବାରୁ ସୌଜନ୍ୟତା ଦୃଷ୍ଟିରୁ ଛାତ୍ରମାନେ ରାସ୍ତା ପାର୍ଶ୍ୱର ଖୋଲା ଯାଗାରେ ପରିସ୍ରା କରିବାକୁ ବାଧ୍ୟ ହେଉଛନ୍ତି। କେବଳ ଛାତ୍ରଙ୍କ ପାଇଁ ଅନ୍ୟତ୍ର ପରିସ୍ରାଗାର ନିର୍ମାଣ କରାଯିବାକୁ ଅଭିଭାବକ ଓ ଶିକ୍ଷକମାନଙ୍କ ଦାବି ରହିଛି। ବିଦ୍ୟାଳୟକୁ ୫-ଟିରେ ସାମିଲ, ଉନ୍ନତମାନର ପାର୍କ ନିର୍ମାଣ, ଲାଇବ୍ରେରି କୋଠା ଓ ବିଦ୍ୟାଳୟ ଚାରିପଟେ ପାଚେରି ନିର୍ମାଣ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳ, ବୌଦ୍ଧ ବିଡିଓଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ତୁରନ୍ତ ଏହିସବୁ ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ଓ ରାଜ୍ୟ ସରକାରଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଚୋରା ମାଙ୍ଗାନିଜ ବୋଝେଇ ଟ୍ରକ୍ ଜବତ

ଟେନ୍ସା,୨୨।୮ (ସମୀର କୁମାର ପାଢୀ)

ସୁନ୍ଦରଗଡ଼ ଜିଲା କୋଇଡା ବନ ମଣ୍ଡଳ ଗଣୁଆ ପିଆର୍ଏଫ ଅନ୍ତର୍ଗତ ମାଲଦା ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଏକ ଚୋରା ମାଙ୍ଗାନିଜ ବୋଝେଇ ଟ୍ରକ ନଂ ଓଆର ୦୫ ଏଆର ୪୩୩୫କୁ ଜବତ କରିଛି କୋଇଡା ବନବିଭାଗ । ଜବତ ମାଙ୍ଗାନିଜର ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ସୋମବାର ବିଳମ୍ବିତ ରାତିରେ ବନ ବିଭାଗର ଏକ ସ୍କ୍ୱାଡ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ଜଙ୍ଗଲ ମଧ୍ୟରେ ଏକ ଟ୍ରକ ଦେଖି ଘଟଣାସ୍ଥଳରେ ପହଞ୍ଚି ଥିଲେ। ବନବିଭାଗ କର୍ମଚାରୀଙ୍କୁ ଦେଖି ମାଙ୍ଗାନିଜ ମାଫିଆ ଓ ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିଲେ। ଖବର ପାଇ କୋଇଡା ଖଣି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗାଡି ଯାଞ୍ଚ କରିବା ପରେ ବନବିଭାଗକୁ ହସ୍ତାନ୍ତର କରିଥିଲେ। ଗତ କିଛିଦିନ ତଳେ ୧୧୦୦ରୁ ଊର୍ଦ୍ଧ୍ୱ ଟନ ଚୋରି ମାଙ୍ଗାନିଜ ଜବତ ହୋଇଥିଲା।

### ୩ ଛାତ୍ରଙ୍କୁ ମାଡ଼,ଚିକିତ୍ସାରେ ଅବହେଳା ଅଭିଯୋଗ

ବଡ଼ଗାଁ, ୨୨।୮ ( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଏକମା ଗ୍ରାମରେ ଥିବା ସେବାଶ୍ରମ ସ୍କୁଲର ଜଣେ ଶିକ୍ଷୟିତ୍ରୀ ୩ଜଣ ଛାତ୍ରଙ୍କୁ ମାଡ଼ ମାରିଥିବା ବଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ଘଟଣା ଅନୁଯାୟୀ, ତଳସରା ଥାନା ଅନ୍ତର୍ଗତ ଦେଓଗାଁ କଟରାପଡାର ମହେନ୍ଦ୍ର ଲାକ୍ରାଙ୍କ ପୁଅ ନେତ୍ରାନନ୍ଦ (୧୩) ଏକମା ଆବାସିକ ସରକାରୀ ସେବାଶ୍ରମର ହଷ୍ଟେଲରେ ରହି ୮ମ ଶ୍ରେଣୀରେ ପଢୁଛନ୍ତି। ସୋମବାର ସନ୍ଧ୍ୟା ୬ଟାରେ ଜଣେ ଶିକ୍ଷୟିତ୍ରୀ ନେତ୍ରାନନ୍ଦଙ୍କୁ ତମେ ହଷ୍ଟେଲ କବାଟର ହ୍ୟାଣ୍ଡେଲ ଭାଙ୍ଗିଛ କହି ମାଡ଼ ମାରିଥିଲେ। ଏଥିସହ ଆଉ ୨ ଜଣ ଛାତ୍ର ଶିବା ମାଝୀ ଓ ଅବିନାଶ ଲାକ୍ରାଙ୍କୁ ମଧ୍ୟ ଶିକ୍ଷୟିତ୍ରୀ ମାଡ ମାରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏହା ସହିତ ଛାତ୍ରଙ୍କୁ ମାଡ଼ ମାରିବା ପରେ ଉପଯୁକ୍ତ ଚିକିତ୍ସା କରାଯାଇ ନ ଥିବା ଉଲ୍ଲେଖ କରାଯାଇଛି। ନେତ୍ରାନନ୍ଦଙ୍କ ମା' ରାଧିକା ଲାକ୍ରା ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ବସ୍‌ଷ୍ଟାଣ୍ଡ ନାହିଁ, ରାସ୍ତା ଉପରେ ଠିଆ ହେଉଛି ମୋ ବସ୍

ବିଶ୍ରା,୨୨।୮(ବଟକୃଷ୍ଣ ସ୍ୱାଇଁ)

ପ୍ରତି ବ୍ଲକ ସଦର ମହକୁମାରେ ବସ୍ ଷ୍ଟପେଜ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଥିବାବେଳେ ବିଶ୍ରା ବ୍ଲକରେ କିନ୍ତୁ ଜାଗା ମିଳୁନାହିଁ। ଯେତିକି ସରକାରୀ ଜାଗା ଅଛି ସବୁ ଜବରଦଖଲକାରୀଙ୍କ କବଜାରେ। ସରକାରୀ ଜମି ଉପରେ ବାଲି ଇଟା ପକାଇ ରାସ୍ତା ଅବରୋଧ କରୁଛନ୍ତି ଜବରଦଖଲକାରୀ। ଫଳରେ ବସ୍ ଷ୍ଟପେଜ ନିର୍ମାଣ ହୋଇପାରୁନାହିଁ। ବସ୍ ଗୁଡିକ ରାସ୍ତା ଉପରେ ଠିଆ ହେବାଯୋଗୁ ଯାତ୍ରୀ ସମସ୍ୟା ଭୋଗୁଛନ୍ତି। ଏପରିକି କୌଣସି ମୂହୂର୍ତ୍ତରେ ବଡଧରଣର ଦୁର୍ଘଟଣା ଘଟିବାର ମଧ୍ୟ ସମ୍ଭାବନା ରହିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ତହସିଲଦାର ଜ୍ୟୋତ୍ସ୍ନା ସାହୁଙ୍କୁ ପଚାରିବାରୁ, ଏ ବିଷୟରେ ତଦନ୍ତ କରିବେ ବୋଲି କହିଛନ୍ତି।

# ଥମୁନି ହାତୀ ଉପଦ୍ରବ, ଆତଙ୍କିତ ଲୋକେ

ନୂଆଗାଁ ,୨୨।୮(ବିଜୟ ତ୍ରିପାଠୀ)

ଝାଡ଼ଖଣ୍ଡ ଜଙ୍ଗଲରୁ ଗୋଠଛଡ଼ା ହୋଇ ଓଡ଼ିଶା ଜଙ୍ଗଲକୁ ପଶି ଆସିଥିବା ଗୋଟିଏ ଦନ୍ତା ଗତ ୧୫ଦିନ ହେଲା ବୀରମିତ୍ରପୁର ଓ ବିଶ୍ରା ବନାଞ୍ଚଳ ଅଧୀନସ୍ଥ ଗ୍ରାମଗୁଡ଼ିକରେ ଆତଙ୍କ ଖେଳାଇଛି। କେତେବେଳେ ବୀରମିତ୍ରପୁର ବନାଞ୍ଚଳ ଅନ୍ତର୍ଗତ ଟାଇନ୍ଦା ପାହାଡ଼ରେ ଲୁଚିରହୁଛି ତ କେତେବେଳେ ବିଶ୍ରା ବନାଞ୍ଚଳ ଅନ୍ତର୍ଗତ ବାଗଡେଗା ଜଙ୍ଗଲରେ। ବୀରମିତ୍ରପୁର ବନକର୍ମଚାରୀ ଘଉଡାଇଲେ ହାତୀଟି ଟାଇନ୍ଦାରୁ ବାଗଡେଗା ଜଙ୍ଗଲ ଚାଲିଯାଉଛି। ସେଠାରେ ବିଶ୍ରା ବନ କର୍ମଚାରୀ ଘଉଡାଇଲେ ହାତୀ ପୁଣି ଟାଇନ୍ଦା ପାହାଡ଼କୁ ଚାଲି ଆସୁଛି । ୧୫ ଦିନ ଭିତରେ ହାତୀଟି ୧୨ ଜଣଙ୍କ ଘର ଭାଙ୍ଗି ସାରିଥିବାବେଳେ ଅନେକ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି । ଗତ ୧୧ ତାରିଖରେ ଗଲଦାରୁ ପ୍ରାଥମିକ ବିଦ୍ୟାଳୟର ଅଫିସ ଗୃହ ଝରକା ଭାଙ୍ଗି ଚାଉଳ ଖାଇବା ସହ ବାରଣ୍ଡାର ପିଲରଗୁଡ଼ିକ ଭାଙ୍ଗିଦେଇଥିଲା। ବର୍ତ୍ତମାନ ବର୍ଷାଦିନ ହୋଇଥିବାରୁ ଘର ଭାଙ୍ଗିଥିବା ଲୋକଙ୍କୁ ପ୍ରଶାସନ ତୁରନ୍ତ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବିଶ୍ରା ଅଞ୍ଚଳର ଫରେଷ୍ଟର କେ. ମହାନ୍ତଙ୍କୁ ପଚାରିବାରୁ, ଆମେ ପ୍ରତିଦିନ ଲୋକଙ୍କ ଅଭିଯୋଗ ପାଇ ହାତୀକୁ ଘଉଡାଉଛୁ। ହେଲେ ସେ ପୁଣି ଫେରିଆସୁଛି । ତାକୁ ସମ୍ପୂର୍ଣ୍ଣଭାବେ ଝାଡ଼ଖଣ୍ଡ ଅଞ୍ଚଳକୁ ଘଉଡେଇବାକୁ ଚେଷ୍ଟା ଜାରି ରହିଛି ବୋଲି ସେ କହିଛନ୍ତି। ବନାଞ୍ଚଳ ଅଧିକାରୀ ରେଞ୍ଜର ନୂତନ ହେମ୍ବ୍ରମ କହିଛନ୍ତି, ସେଇ ଗୋଟିଏ ଦନ୍ତା ହିଁ ସମସ୍ୟା ସୃଷ୍ଟି କରୁଛି । ସେହିପରି ହାତୀବାରି ଫରେଷ୍ଟର ଗୋପାଳ ଓରାମ କହିଛନ୍ତି, ବୀରମିତ୍ରପୁର ବନାଞ୍ଚଳ ଅନ୍ତର୍ଗତ କାନ୍ଦରକେଲା ପଞ୍ଚାୟତ ଅଞ୍ଚଳରେ ମଧ୍ୟ ଗୋଟିଏ ଗୋଠଛଡା ହାତୀ ଦୀର୍ଘ ୨୦ ଦିନ ହେବ ସମସ୍ତଙ୍କୁ ନାକେଦମ କରୁଛି। ୧୫ ରୁ ୨୦ ଦିନ ମଧ୍ୟରେ ସେହି ଅଞ୍ଚଳରେ ୧୫ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଗକୁ ଆହୁରି ବଢ଼ିବ ବୋଲି ଫରେଷ୍ଟର ଓରାମ ପ୍ରକାଶ କରିଥିଲେ ।


ହାତୀ ଭାଙ୍ଗିଥିବା ଘର ।

## ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ


ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ସୁନ୍ଦରଗଡ଼,୨୨।୮(ଜୟନାରାରାଣ ମେଣ୍ଡୁଲି)

ଶଙ୍କରାସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ତ୍ରି-ଦିବସୀୟ ବିଦ୍ୟାଳୟ ଭିତ୍ତିକ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷା ସସ୍ମିତା ନାଏକ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ବିଦ୍ୟାଳୟଗୁଡିକରେ ମାନ ନିର୍ଦ୍ଧାରଣର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଏ କ୍ଷେତ୍ରରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଓ ଉତ୍ତରଦାୟିତ୍ୱ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଏଥିସହ ପ୍ରଶିକ୍ଷଣରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଶିକ୍ଷା ବ୍ୟବସ୍ଥାକୁ ଲୋକାଭିମୁଖୀ କରିବାରେ ସହଭାଗୀ ହେବାକୁ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଆହ୍ୱାନ ଦେଇଥିଲେ। ପରେ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ୨ଟି ଅଧିବେଶନରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ରଶ୍ମିତା ନାଏକ, ସୁଜାତା କାଲୋ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଦମୟନ୍ତୀ ପଧାନ, ବୁଧରାମ କିଷାନ, ମମତା ମାଝି, ସୁଜ୍ଞାନନନ୍ଦ କୁସୁମ, ପ୍ରିୟଦର୍ଶିନୀ ପାତ୍ର, ବନ୍ଦିତାରାଣୀ ଦାଶ, ଅନୁତୃଷ୍ଣା ସିଂ, ସୌମ୍ୟରଞ୍ଜନ ମହାଲିକ, ନୀଳିମା ଲାକ୍ରା ପ୍ରମୁଖ ସହାୟତା କରିଥିଲେ। ଏହି ଅବସରରେ ଜିଲାର ୧୨ ବ୍ଲକରୁ ୪୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୨୪ରେ ଉଦ୍‌ଯାପିତ ହେବ।

## ଜିଲାସ୍ତରୀୟ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମଲେଖା ଶିବିର



ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

ଦେବଗଡ,୨୨।୮ (ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟରେ ଜିଲା ସ୍ତରୀୟ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମଲେଖା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ଶକୁନ୍ତଳା ଟେଟେ, ବାରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ସାହୁ, ତିଲେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ଦୁଃଖବନ୍ଧୁ ଭୁକ୍ତା ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଏହାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାର ସମସ୍ତ କ୍ଲଷ୍ଟର ସିଆର୍‌ସିସି, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ, ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ପ୍ରୋତ୍ସାହିତ କରାଯାଇଥିଲା। ୧୪ ବର୍ଷରୁ ୧୮ ବର୍ଷ ବୟସ ମଧ୍ୟରେ ଅଧାରୁ ପାଠ ଛାଡିଥିବା, ୧୦ମ ବୋର୍ଡ ପରୀକ୍ଷାରେ ଫେଲ ହୋଇଥିବା ଏବଂ ଫର୍ମ ପୂରଣ କରି ପରୀକ୍ଷା ଦେଇ ନ ଥିବା ପିଲାଙ୍କୁ ବିନା ମୂଲ୍ୟରେ ନାମ ଲେଖାଇବା ସହ ପାଠ୍ୟ ପୁସ୍ତକ ପ୍ରଦାନ କରିବାର ବ୍ୟବସ୍ଥା ରହିଥିବା ନେଇ ଶିକ୍ଷାବିଭାଗ ପକ୍ଷରୁ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ବାଇକ୍ ଦୁର୍ଘଟଣାରେ ୩ ଯୁବକ ଆହତ

ଦେବଗଡ, ୨୨।୮ (ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ଜିଲା ମାଝିପାଲି ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ୩ ଯୁବକ ଆହତ ହୋଇଛନ୍ତି। ସେମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟର ରଞ୍ଜିତ ସୋରେନ, ଲାଲଟୁ ସିଂ ଏବଂ ରଞ୍ଜନ କର୍ମାକର। ସମସ୍ତଙ୍କୁ ଉଦ୍ଧାର କରାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ୩ ଯୁବକ ଏକ ଠିକା ସଂସ୍ଥା ପାଇଁ ସ୍ଥାନୀୟ ଅଞ୍ଚଳରେ ରହି କାମ କରୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ କାମ ସାରି ବାଇକ୍‌ରେ ଯାଉଥିବା ବେଳେ ମାଝିପାଲି ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ଫଳରେ ସମସ୍ତେ ଛିଟିକି ପଡ଼ି ଆହତ ହୋଇଥିଲେ।

### ଝାରସୁଗୁଡା ଜିଲା ଖବରଦାତା ସଂଘ ବୈଠକ

ବ୍ରଜରାଜନଗର,୨୨।୮(ବିଜୟ ବରାଡ)

ଓୟୁଜେ ଅନୁବନ୍ଧିତ ଝାରସୁଗୁଡ଼ା ଜିଲା ଖବରଦାତା ସଂଘର ଆସନ୍ତା ମାସ ପ୍ରଥମ ସପ୍ତାହରେ ହେବାକୁ ଥିବା କାର୍ଯ୍ୟକାରିଣୀ ସମାବେଶ ପାଇଁ ଏକ ପ୍ରସ୍ତୁତି ବୈଠକ ଜେଡ଼ିଏସ ହୋମିଓପାଥି ଡାକ୍ତରଖାନା କନଫରେନ୍ସ ହଲରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଘ ସଭାପତି ରିତେଶ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ସାଏ, ବରିଷ୍ଠ ସଦସ୍ୟ ତ୍ରିଲୋଚନ ଦାଶ, ପ୍ୟାରେଲାଲ ଶ୍ରୀବାସ୍ତବ, ଭୁବନ କିଶୋର ତିୱାରୀ, ବିଜୟ ବରା ଶର୍ମା, ବିଜୟ ସାହୁ, ସୁକାନ୍ତ ସାହୁ, କୀର୍ତ୍ତି ଚନ୍ଦ୍ର ବହିଦାର ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ସାହୁ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବା ଆଗାମୀ ଜିଲା କାର୍ଯ୍ୟକାରିଣୀ ବୈଠକ ବ୍ରଜରାଜନଗରରେ ହେବ ବୋଲି ଘୋଷଣା କରିଥିଲେ। ସଂଘ ସଦସ୍ୟ ଡିଲେଶ୍ୱର ବାଗ, ପ୍ରକାଶ ପଧାନ, ବିରଞ୍ଚି ସ୍ୱାଇଁ, ସଞ୍ଜୟ ବାହୁବଳେନ୍ଦ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଆଗାମୀ ଦୁଇବର୍ଷ ପାଇଁ ସଦସ୍ୟଙ୍କୁ ଆଇ କାର୍ଡ ବଣ୍ଟନ କରାଯାଇଥିଲା।

## ଗୋମାଂସ ଚାଲାଣ, ୨ ଅଟକ

ଲହୁଣୀପଡ଼ା,୨୨।୮(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଦର୍ଜୀଂ ପଞ୍ଚାୟତ କୋଇଲିଝର ଅଞ୍ଚଳରୁ ବାଇକ୍ ଯୋଗେ ବେନିୟମଭାବେ ଗୋମାଂସ ଚାଲାଣ ହେଉଥିବା ଖବରପାଇ ଗୋ ରକ୍ଷକ ଦଳ ପିଛା କରି ଧରିବା ସହିତ ଲହୁଣୀପଡ଼ା ପୋଲିସକୁ ଜିମା ଦେଇଥିବା ଜଣାପଡ଼ିଛି। ପୋଲିସ ଗୋମାଂସ ଓ ବାଇକ୍ ଜବତ କରି ଥାନାକୁ ଆଣିବା ସହ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଉଲ୍ଲେଖଯୋଗ୍ୟ ଯେ, ଦର୍ଜୀଂ ଗ୍ରାମ ଦେଇ ଯାଇଥିବା ବ୍ରାହ୍ମଣୀ ନଦୀ ଅପରପାର୍ଶ୍ୱ କୋଇଲି ଝର ଅଞ୍ଚଳ ଜଙ୍ଗଲରେ ଏକ ଗାଈକୁ ହତ୍ୟା କରି ତାର ମାଂସକୁ କିଛି ଲୋକ ଭାଗ ବାଣ୍ଟି ନେଇଥିଲେ। ଅବଶିଷ୍ଟ ଗୋ ମାଂସକୁ ପଲିଥିନରେ ପ୍ୟାକେଟ କରି ବସ୍ତାରେ ଭରି ଓଡି-୧୪ଏଲ -୪୦୨୯ ନମ୍ବର ବାଇକ୍‌ରେ ୨ ଯୁବକ ନେଉଥିବା ଗୋ ରକ୍ଷକ ଦଳର କର୍ମକର୍ତ୍ତା ଖବର ପାଇ ତାଙ୍କୁ ପିଛା କରି ଧରିଥିଲେ।

## ୩ ଦିନ ନୂଆଁଖାଇ ଛୁଟି ପାଇଁ ଅତିରିକ୍ତ ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କୋଶଳ ସମାଜ କର୍ମକର୍ତ୍ତା।

ସୁନ୍ଦରଗଡ,୨୨।୮(ଜୟ ନାରାୟଣ ମେଣ୍ଡୁଲି)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଛୁଟି ୩ ଦିନ ଘୋଷଣା ପାଇଁ କୋଶଳ ସମାଜ ପକ୍ଷରୁ ଦାବି କରାଯାଇଛି। କୋଶଳ ସମାଜର ମହାସଚିବ ଦିଲୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ଭେଟି ଜିଲା ପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେପ୍ଟେମ୍ବର ୨୧,୨୨ ଓ ୨୩ ତାରିଖରେ ଜିଲାର ୧୭ଟି ବ୍ଲକ, ୩ଟି ପୌରାଞ୍ଚଳ ଓ ରାଉରକେଲା ମହାନଗରରେ ଛୁଟି ଘୋଷଣା କରିବାକୁ ସେମାନେ ଲିଖିତଭାବେ ଦାବି ଜଣାଇଛନ୍ତି।

## ସଂସ୍କୃତି ମନ୍ତ୍ରୀଙ୍କୁ ଭେଟିଲା କଳାକାର ସଂଘ

ସୁନ୍ଦରଗଡ,୨୧।୮(ଜୟ ନାରାୟଣ ମେଣ୍ଡୁଲି)



ସୁନ୍ଦରଗଡ କଳାକାର ମଞ୍ଚର ସଦସ୍ୟ ରୋଶନ ସାହୁ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ସାକ୍ଷାତ କରି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ପଶ୍ଚିମ ଓଡ଼ିଶାର ଗଣ ପର୍ବ ନୂଆଁଖାଇ ଉପଲକ୍ଷେ ତାର ପରବର୍ତ୍ତୀ ୨ ଦିନ ଯଥା ବାସି ନୂଆଁଖାଇ ୨୧ ଏବଂ ୨୨ ତାରିଖ ଛୁଟି ଘୋଷଣା ପାଇଁ ଅନୁରୋଧ କରିଛନ୍ତି।

## ଏଆଇଏସ୍ଏଫ୍ ରାଜ୍ୟ ସଭାପତିଙ୍କ ସୁନ୍ଦରଗଡ଼ ଗସ୍ତ



ଅଖିଳ ଭାରତ ଛାତ୍ର ସଂଘର ସଭ୍ୟାସଭ୍ୟା।

ସୁନ୍ଦରଗଡ,୨୨।୮(ଜୟ ନାରାୟଣ ମେଣ୍ଡୁଲି)

ଅଖିଳ ଭାରତ ଛାତ୍ର ସଂଘ(ଏଆଇଏସ୍ଏଫ୍) ଓଡିଶା ରାଜ୍ୟ ସଭାପତି ସଙ୍ଘମିତ୍ର ଜେନା ୨ଦିନିଆ ସୁନ୍ଦରଗଡ ଜିଲା ଗସ୍ତରେ ଆସିଥିଲେ। କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷା ନୀତି-୨୦୨୦ କୁ ବିରୋଧ କରି ସୁନ୍ଦରଗଡ ସଦର ବ୍ଲକ, ଟାଙ୍ଗରପାଲି ବ୍ଲକ ଓ ହେମଗିର ବ୍ଲକର ବିଭିନ୍ନ କଲେଜକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସହିତ ରାଜ୍ୟ ଉପସଭାପତି ରାଜେନ୍ଦ୍ର ନାଏକ, ଆଇନଜୀବୀ ସନ୍ତୋଷ ଆଚାର୍ଯ୍ୟ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ।

## ବିଦ୍ୟାଳୟରେ ଶିକ୍ଷାଦାନ ସମ୍ପର୍କିତ କର୍ମଶାଳା

ଲହୁଣୀପଡ଼ା,୨୨।୮(ଦାଶରଥି ପଣ୍ଡା)



କର୍ମଶାଳାରେ ଉପସ୍ଥିତ ଅତିଥି ବୃନ୍ଦ।

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ୮ଟି କ୍ଲଷ୍ଟରର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ଶିକ୍ଷାଦାନ ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଛି। କୋଇଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ୮ କ୍ଲଷ୍ଟରର ୬୮ ଜଣ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଉପସ୍ଥିତ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମୟାନୁବର୍ତ୍ତିତା, ଗୁଣାତ୍ମକ ଶିକ୍ଷା ଦାନ ଏବଂ ସମସ୍ତ ପ୍ରକାର ନଥିପତ୍ର ନିୟମିତ କରିବା, ବିଦ୍ୟାଳୟରେ ସୌଖୀକ ବାତାବରଣ ସୃଷ୍ଟି କରି ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ବିଇଓ ବେହେରା ପରାମର୍ଶ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନ୍ଦର ମୋହନ ବେସରା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ବୃତ୍ତି ସମ୍ପର୍କରେ ସୂଚନା ଦେବା ସହିତ ତାଲିମ ପ୍ରଦାନ କରିଥିଲେ। ସିଆର୍‌ସିସି ସମରା ମୁଣ୍ଡାରୀ, ସୁଦର୍ଶନ ମାହାନ୍ତ, ପ୍ରଧାନ ଶିକ୍ଷକ ଉପେନ୍ଦ୍ର ନାଥ ଦାସ ପ୍ରମୁଖ ମୌଖିକ ସାକ୍ଷରତା, ସଂଖ୍ୟା ଜ୍ଞାନ,ବାର୍ଷିକ ପାଠ୍ୟ ଖସଡ଼ା, ପାଠଟିକା, ମୋ ବିଦ୍ୟାଳୟ ଅଭିଯାନ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ସିଆରସିସି ସୁନୀଲ ମୁଣ୍ଡା, ଇଲାଆସ ସଏ, ସନାତନ ମୁଣ୍ଡା, ସିତାରାମ ମୁଣ୍ଡା, ଲକ୍ଷ୍ମୀ ମାହାନ୍ତି, ଶ୍ରୀକାନ୍ତ ସାହୁ, କ୍ଷମା ସାଗର ସଏ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସିଆର୍‌ସିସି ଭାରତ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ବସାଧାରଣ ଶୌଚାଳୟରେ ତାଲା

ରାଉରକେଲା,୨୨।୮(ଦିନେଶ ମିଶ୍ର)

### ଶୌଚ ପାଇଁ ପଡ଼ିଆ, ରେଳଲାଇନ ଭରସା



ଶୌଚାଳୟରେ ତାଲା ପଡ଼ିଛି।

କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ସହରାଞ୍ଚଳରୁ ନେଇ ବସ୍ତି ଓ ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ପାଇଁ ଶୌଚାଳୟ ନିର୍ମାଣ କରାଯାଇଛି। ହେଲେ ରାଉରକେଲା ସ୍ମାର୍ଟସିଟି ଅଞ୍ଚଳରେ ଏଭଳି ଅନେକ ବସ୍ତି ଅଛି ଯେଉଁଠାରେ ଶୌଚାଳୟ ଅଭାବରୁ ଲୋକମାନେ ଖୋଲା ପଡିଆରେ ଶୌଚ ହେଉଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାଉରକେଲା ମାଲଗୋଦାମ ୱାର୍ଡ ନଂ-୧୦ରେ। ଏହି ବସ୍ତିରେ ପ୍ରାୟ ୧୫ଶହ ଲୋକ ବସବାସ କରୁଛନ୍ତି। ବସ୍ତିବାସିନ୍ଦାଙ୍କ ପାଇଁ ୨୦୧୭ରେ ଆରଏମ୍‌ସି ପକ୍ଷରୁ ଏକ ଶୌଚାଳୟ ନିର୍ମାଣ ହୋଇଥିଲା। ଏହି ଶୌଚାଳୟରେ ୩ଟି ପାଇଖାନା ସହ ସ୍ନାନାଗାର ବ୍ୟବସ୍ଥା କରାଯାଇଥିଲା। ବସ୍ତି ଲୋକେ ଏହାକୁ କିଛି ଦିନ ବ୍ୟବହାର କରିବା କରିଥିଲେ। ହେଲେ ରକ୍ଷଣବେକ୍ଷଣ ଅଭାବରୁ ଏହା ବ୍ୟବହାର ଅନୁପଯୋଗୀ ହୋଇ ପଡ଼ିଥିଲା। ଏହି ଶୌଚାଳୟକୁ ଅଧିକାଂଶ ଲୋକେ ବ୍ୟବହାର କରିବାରୁ ଏଥିରେ ସଂଯୋଗ ହୋଇଥିବା ପାଣିପାଇପ୍ ଟ୍ୟାପ ଭାଙ୍ଗି ଯାଇଥିଲା। ଫଳରେ ବସ୍ତିବାସୀ ପାଖରେ ଥିବା ଏକ ନଳକୂପରୁ ପାଣି ଆଣି ଏହାକୁ ବ୍ୟବହାର କରୁଥିଲେ। କିନ୍ତୁ ବସ୍ତିର କିଛି ଅସାମାଜିକ ଯୁବକ ଏହି ଶୌଚାଳୟରେ ପଶି ଆଡ୍ଡାସ୍ଥଳି ବନାଇବାରୁ ସ୍ଥାନୀୟ ଲୋକେ ଏହାକୁ ବ୍ୟବହାର ନ କରି ତାଲା ପକାଇ ଦେଇଥିଲେ। ବର୍ତ୍ତମାନ ଏହି ଶୌଚାଳୟରେ ପାଣି ସଂଯୋଗ ହୋଇ ନ ଥିବାରୁ ଏହା ବସ୍ତିବାସୀଙ୍କ ବ୍ୟବହାରରେ ଲାଗି ପାରୁନାହିଁ। ବର୍ଷେ ହେବ ଶୌଚାଳୟଟି ବନ୍ଦ ପଡି ରହିଥିବାରୁ ବସ୍ତିବାସୀ ପାଖରେ ଥିବା ଖୋଲା ପଡିଆ ଓ ରେଳ ଲାଇନ ସମେତ ଦୁର୍ଗାପୁର ପାହାଡ ତଳକୁ ଶୌଚ ହେବାକୁ ଯାଉଥିବା ଦେଖିବାକୁ ମିଳିଛି। ତେଣୁ ଆରଏମ୍‌ସି ପକ୍ଷରୁ ଏଠାରେ ଜଳ ବ୍ୟବସ୍ଥା ପୂର୍ବଭଳି ସଂଯୋଗ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ଶୌଚାଳୟରେ ପାନୀୟ ଜଳ ଅବ୍ୟବସ୍ଥାକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଆଗାମୀ ୨ଦିନ ମଧ୍ୟରେ ଏହି ଶୌଚାଳୟରେ ଥିବା ସମସ୍ୟାକୁ ଦୂର କରି ବସ୍ତିବାସୀଙ୍କ ଉପଯୋଗୀ କରିବୁ ବୋଲି ସେ କହିଥିଲେ।

## କଣ୍ଟାବାଞ୍ଜି ଜିଲା ଦାବି ପ୍ରସଙ୍ଗ

# ୧୨ଘଣ୍ଟା କଣ୍ଟାବାଞ୍ଜି ବନ୍ଦ

କଣ୍ଟାବାଞ୍ଜି, ୨୨।୮ (ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି ସ୍ୱତନ୍ତ୍ର ଜିଲା ଦାବିକୁ ଅଧିକ ବ୍ୟାପକ କରିଛି ଜିଲା ସଂଘର୍ଷ ସମିତି। ମଙ୍ଗଳବାର ସଂଘର୍ଷ ସମିତି ଆହୂତ ୧୨ଘଣ୍ଟିଆ ବନ୍ଦକୁ ବିପୁଳ ସମର୍ଥନ ମିଳିଛି। ବନ୍ଦ ଡାକରାକୁ ସମର୍ଥନ ଜଣାଇ ସହରର ସମସ୍ତ ବ୍ୟବସାୟିକ ଅନୁଷ୍ଠାନ, ଦୋକାନ ବଜାର, ସରକାରୀ ବେସରକାରୀ ଅଫିସ, ସ୍କୁଲ କଲେଜ ବନ୍ଦ ରହିଥିଲା। ବନ୍ଦକୁ ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଙ୍ଗଠନ ସମର୍ଥନ ଜଣାଇ ସାମିଲ ହୋଇଥିଲେ। ରାଜନୈତିକ ଓ ଭୌଗୋଳିକ ଦୃଷ୍ଟିକୋଣରୁ କଣ୍ଟାବାଞ୍ଜି ଜିଲା ଦାବିର ଆବଶ୍ୟକତା ନେଇ ବନ୍ଦ ପାଳନକାରୀ ଏହି ଅବସରରେ ଯୁକ୍ତି ଉପସ୍ଥାପନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାର ଅମୃତଲାଲ ବେହେରାଙ୍କ ଜରିଆରେ ପ୍ରଦାନ କରାଯାଇଥିଲା।

ସକାଳ ୬ଟାରୁ ବନ୍ଦ ପାଳନକାରୀ କଣ୍ଟାବାଞ୍ଜି ସହରର ବିଭିନ୍ନ ସ୍ଥାନରେ ରାସ୍ତାକୁ ଓଗ୍ଳାଇ ଗାଡ଼ି ମୋଟର ଚଳାଚଳ ବନ୍ଦ କରାଇଥିଲେ। ପୂର୍ବାହ୍ନ ୧୦ଟାରେ ବିଭିନ୍ନ ସରକାରୀ, ବେସରକାରୀ ଅଫିସ ସମ୍ମୁଖରେ ପିକେଟିଂ କରିଥିଲେ। ଫଳରେ ଅଫିସ କାର୍ଯ୍ୟ ବନ୍ଦ ରହିଥିଲା। ଏହି ଅବସରରେ ଇନ୍ଦିରା ଛକରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବନ୍ଦ ପାଳନକାରୀ ଜିଲା ଗଠନ ସମ୍ପର୍କରେ ସରକାରଙ୍କ ଟାଳଟୁଳ ନୀତି ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କଣ୍ଟାବାଞ୍ଜି ଏନ୍‌ଏସି, ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକକୁ ନେଇ ଏକ ସ୍ୱତନ୍ତ୍ର ଜିଲା ଗଠନ ନେଇ ଦୀର୍ଘବର୍ଷରୁ ଦାବି ହୋଇ ଆସୁଛି। ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ସରକାର ସ୍ୱତନ୍ତ୍ର ଜିଲା ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି। କିଛିଦିନ ତଳେ ରାଜ୍ୟ ସରକାର ଲୋକଙ୍କ ଦାବିକୁ ଆଖି ଆଗରେ ରଖି ଓଡ଼ିଶାରେ କେତୋଟି ନୂତନ ଜିଲା ଗଠନ ସମ୍ପର୍କରେ ମତ ରଖିଛନ୍ତି। ଏପରିସ୍ଥଳେ କଣ୍ଟାବାଞ୍ଜି ପ୍ରତି ସହୃଦୟତାର ସହ ବିଚାର ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ। ଦାବି ସମ୍ପର୍କରେ ଯଥାର୍ଥତା ଉପସ୍ଥାପନ କରି ସେମାନେ ଆହୁରି କହିଥିଲେ ଯେ, କଣ୍ଟାବାଞ୍ଜି ତହସିଲ ସଦର ମହକୁମା ଜିଲା ସଦର ମହକୁମାଠାରୁ ୮୦ କି.ମି. ଦୂର ଏବଂ ସବ୍ ଡିଭିଜନ୍ ସଦର ମହକୁମାରୁ ୬୦ କି.ମି. ଦୂରରେ ରହିଛି । ତେଣୁ ଉଭୟ କାର୍ଯ୍ୟାଳୟକୁ ତୁରେକେଲା ବ୍ଲକର କନ୍ଦେଇ, ହଲନଭଟା, ଡୋଲମାନ୍ଦଲ, ବଡବାଙ୍କି, ବଙ୍ଗୋମୁଣ୍ଡା ବ୍ଲକର ଜାମଖୁଣ୍ଟା, ଗନ୍ଧର୍ଲା, ଚାନ୍ଦୋତରା ଆଦି ଗ୍ରାମଗୁଡ଼ିକ ଜିଲା ସଦର ମହକୁମାରୁ ୧୪୦ କି.ମି. ଦୂରରେ ରହିଛି। ଏପରିସ୍ଥଳେ କଣ୍ଟାବାଞ୍ଜି ସଦର ମହକୁମାରୁ ବଙ୍ଗୋମୁଣ୍ଡା, ମୁରିବାହାଲ ଓ ତୁରେକେଲା ବ୍ଲକ ପ୍ରାୟ ୧୫ରୁ ୧୭ କି.ମି. ମଧ୍ୟରେ ରହିଛି। ଅପରପକ୍ଷରେ କଣ୍ଟାବାଞ୍ଜି ଜିଲା ଗଠନ ହେଲେ ରାଜ୍ୟର ଅନ୍ୟ କ୍ଷୁଦ୍ର ଜିଲାଗୁଡ଼ିକଠାରୁ ରାଜସ୍ୱ ଦେବାରେ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ସଭାରେ ଏନ୍‌ଏସି ନଗରପାଳ ତଥା କଂଗ୍ରେସ ନେତା ବରିୟାମ ସିଂ ସାଲୁଜା ଓ କାଉନ୍‌ସିଲର, ବିଜେଡି ନେତା ଅଜୟ ଦାଶ, ଭାଜପା ନଗର ସଭାପତି ବେଦବ୍ୟାସ ନାଗ, ଆମ୍ ଆଦ୍‌ମୀ ପାର୍ଟିରୁ ସୁରଥ ବେହେରା, ଓକିଲ ସଂଘ ପୂର୍ବତନ ସଭାପତି ପ୍ରଫୁଲ୍ଲ ନାୟକ, ବ୍ରାହ୍ମଣ ସମାଜର ଅମରଚନ୍ଦ ଶର୍ମା, ଅଜୟ ଅଗ୍ରୱାଲ, କୈଳାସ ଦୀପ, ଜିଲା ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲ, କାର୍ଯ୍ୟକାରୀ ସଭାପତି ବ୍ରଜଶ୍ୟାମ ଗୁରୁ, ନାରୀନେତ୍ରୀ ପିଙ୍କି ଖର୍ସେଲ ବକ୍ତବ୍ୟ ରଖିଥିଲେ। ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ବିଧାୟକ ତଥା ବିଜେଡି ନେତା ଆୟୁବ ଖାଁ କଣ୍ଟାବାଞ୍ଜି ଜିଲା ଦାବି ପ୍ରତି ସମର୍ଥନ ଥିବା ପୂର୍ବରୁ କହି ସାରିଛନ୍ତି।




ଇନ୍ଦିରା ଛକରେ ଅନୁଷ୍ଠିତ ସଭାରେ ଉପସ୍ଥିତ ବନ୍ଦ ପାଳନକାରୀ।

### ବନ୍ଦକୁ ମିଳିଲା ସମର୍ଥନ, ଜୀବନଯାତ୍ରା ପ୍ରଭାବିତ

# ୨୭ବର୍ଷ ପରେ ୮ ପଦବୀରେ ସ୍ଥାୟୀ ନିଯୁକ୍ତି ହେବ

### ଲୋଇସିଂହା ତହସିଲ

ଲୋଇସିଂହା, ୨୨।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲରେ ଜଣେ ରାଜସ୍ୱ ପର୍ଯ୍ୟବେକ୍ଷକ, ଜଣେ ସେକ୍ସନ ଅଫିସର, ୨ଜଣ ବରିଷ୍ଠ ରାଜସ୍ୱ ସହକାରୀ ଓ ୪ଜଣ କନିଷ୍ଠ ରାଜସ୍ୱ ସହକାରୀ ପଦବୀ ସ୍ଥାୟୀଭାବେ ନିଯୁକ୍ତ ହେବେ। ତହସିଲ ପ୍ରତିଷ୍ଠା ସମୟରୁ ଏହି ସବୁ ପଦବୀ ଖାଲି ପଡିଥିଲା। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦୀର୍ଘ ୨୭ ବର୍ଷ ପରେ ଏହି ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଯାଇଛି। ଏନେଇ ୨୧ ଅଗଷ୍ଟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଆକଉଣ୍ଟାଣ୍ଟ ଜେନେରାଲଙ୍କୁ ଜଣାଇ ଦିଆଯାଇଛି। ଏ ସମସ୍ତ ଅଧିକାରୀ ଓ କର୍ମଚାରୀ ତହସିଲରେ ଯୋଗଦେଲେ ରାଜସ୍ୱ କାର୍ଯ୍ୟ ତ୍ୱରାନ୍ୱିତ ହେବ ଏବଂ ଅଞ୍ଚଳବାସୀ ଉପକୃତ ହେବା ସହିତ ତ୍ୱରିତ ସେବା ପାଇବେ ବୋଲି ସାଧାରଣରେ ଆଶାବ୍ୟକ୍ତ କରାଯାଇଛି ।

ଲୋଇସିଂହା ବ୍ଲକ ବଲାଙ୍ଗୀର ସଦର ତହସିଲ ଅଧୀନରେ ଥିଲା। ୧୪ ଅଗଷ୍ଟରେ ୧୯୯୬ରେ ସ୍ୱତନ୍ତ୍ରଭାବେ ଲୋଇସିଂହା ତହସିଲ ପ୍ରତିଷ୍ଠା ହୋଇଥିଲା। ଆରମ୍ଭରୁ ୬ଟି ରାଜସ୍ୱ ସର୍କଲ ରହିଥିଲା। ନିକଟରେ କୁଶମେଲ ରାଜସ୍ୱ ସର୍କଲ ପରିବର୍ଦ୍ଧିତ କରାଯାଇଛି। ପୂର୍ବରୁ ଲୋଇସିଂହା, ଯୋଗୀସର୍ଡା, ଖାରମୁଣ୍ଡା, ସରଗାଡ, କୁଶଙ୍ଗ, ରତାଖଣ୍ଡି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ରହିଛି। ନିକଟରେ ନିଯୁକ୍ତି ମିଳିଥିବାରୁ ସମସ୍ତ ସର୍କଲରେ ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକ ପଦବୀ ପୂରଣ ହୋଇଛି। ୮ ଅମିନ ଆବଶ୍ୟକସ୍ଥଳରେ ୩ଜଣ ରହିଛନ୍ତି। ସେହିପରି ୮ ପିଅନ ସ୍ଥାନରେ ୨ ଜଣ କାମ କରୁଛନ୍ତି। ଏଠାରେ ସ୍ଥାୟୀ ତହସିଲଦାର ଥିବା ବେଳେ ଅତିରିକ୍ତ ତହସିଲଦାରଙ୍କୁ ବଲାଙ୍ଗୀର ସଦରକୁ ଡେପୁଟେଶନରେ ନିଆଯାଇଥିବା ହସ୍ତଗତ ହୋଇଛି।

ପ୍ରକାଶଥାଉକି ଓଡିଶା ରାଜସ୍ୱ ଅମଲା ସଂଘ ଏବଂ ସ୍ଥାନୀୟ ତହସିଲ ପକ୍ଷରୁ ଏହି ସବୁ ପଦବୀ ନିଯୁକ୍ତି ପାଇଁ ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀଙ୍କୁ ଅମଲା ସଂଘ ପକ୍ଷରୁ ଅବଗତ କରାଯାଇଥିଲା। ଗତ ୭ ତାରିଖରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ବଲାଙ୍ଗୀର ଗସ୍ତରେ ଆସିଥିବାବେଳେ ଅମଲା ସଂଘ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ମିଶ୍ର, ସଭ୍ୟ ଜ୍ୟୋତିପ୍ରକାଶ ସାହୁ, ରତିକାନ୍ତ ପୁରୋହିତ ପ୍ରମୁଖ ଭେଟି ଉକ୍ତ ପଦବୀ ପୂରଣ ଦିଗରେ ପଦକ୍ଷେପ ନେବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଫେସ୍‌ବୁକ୍‌ରେ ଅଶ୍ଳୀଳ ଫଟୋ ପୋଷ୍ଟ କରି ଯୁବକ ଗିରଫ

#### ନଗ୍ନଫଟୋରେ ହିନ୍ଦୁ ଦେବତାଙ୍କ ଧ୍ୱନି ଯୋଡ଼ିଥିଲେ

ଖଡ଼ିଆଳ, ୨୨।୮ (ସୁଜିତ କୁମାର ପ୍ରଧାନ)

ଜଣେ ମହିଳାଙ୍କ ନଗ୍ନଫଟୋ ସହ ହିନ୍ଦୁ ଦେବତାଙ୍କ ଧ୍ୱନି ଯୋଡି ନିଜ ଫେସ୍‌ବୁକ୍ ଆଇଡିରେ ପୋଷ୍ଟ କରିବା ନୂଆପଡ଼ା ଜିଲା ଖଡ଼ିଆଳ ସହର ୱାର୍ଡ ନଂ. ୮ର ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ସୌମ୍ୟରଞ୍ଜନ ସିଂ ନାମକ ଜଣେ ବ୍ୟକ୍ତି ଏ ନେଇ ଖଡିଆଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଯୁବକ ମହମ୍ମଦ ଆସିଫ ଅଲିଅସ ରାଜୁଙ୍କୁ ଗିରଫ କରିଛି। ଏ ନେଇ ଦଫା ୧୫୩(ଏ), ୨୯୫(ଏ), ୬୭ ଆଇଟିରେ ଥାନାରେ ଏକ ମାମଲା(୨୮୮/୨୩) ରୁଜୁ ହୋଇଥିବା ଖଡ଼ିଆଳ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି କହିଛନ୍ତି। ଅପରପକ୍ଷେ ମଙ୍ଗଳବାର ଏହାର ପ୍ରତିବାଦ କରି ହିନ୍ଦୁ ସପକ୍ଷବାଦୀମାନେ ଏକ ଶୋଭାଯାତ୍ରାରେ ଖଡିଆଳ ନଗର ପରିକ୍ରମା କରିଥିଲେ। ପରେ ସେମାନେ ଖଡିଆଳ ଥାନା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଫିସ ଘେରାଉ କରିଥିଲେ। ହିନ୍ଦୁ ବିରୋଧୀ ପୋଷ୍ଟକୁ ବରଦାସ୍ତ କରାଯିବ ନାହିଁ ବୋଲି ଏହି ଅବସରରେ ସେମାନେ ଚେତାବନୀ ଦେଇଥିଲେ।

### କଟିଙ୍ଗପାଣି ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟ ମାନ୍ୟତା ଦିଅ

ନୂଆପଡା, ୨୨।୮ (ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତ କଟିଙ୍ଗପାଣିଠାରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟ ଓ ଛାତ୍ରୀଛାତ୍ର ରହିବା ପାଇଁ ହଷ୍ଟେଲ ନିର୍ମାଣ ଦାବି ଉଠିଛି । ମଙ୍ଗଳବାର କଟିଙ୍ଗପାଣିଠାରେ ଆଦିବାସୀ ନେତା ଘାସିରାମ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୁହାଯାଇଥିଲା ଯେ, ସୁନାବେଡା ଅଭୟାରଣ୍ୟ ଭିତରେ ସୋସେଙ୍ଗ, ସୁନାବେଡା ଓ ଭରୁଆମୁଣ୍ଡା ପଞ୍ଚାୟତର ଅନେକ ଗାଁ ରହିଛି। ପ୍ରତ୍ୟେକ ଗାଁରେ ବିଦ୍ୟାଳୟ ନ ଥିବାରୁ ପିଲା ଦୂରଦୂରାନ୍ତ ଯାଇ ପାଠ ପଢି ପାରୁନାହାନ୍ତି। କଟିଙ୍ଗପାଣିକୁ ଛାଡି ଦେଲେ ପାଖରେ ବିଦ୍ୟାଳୟ ନାହିଁ। ଏହି ବିଦ୍ୟାଳୟରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୫ମ ସରିଲା ପରେ ପାଖରେ ବିଦ୍ୟାଳୟ ନ ଥିବାରୁ ଅଧାରୁ ପାଠ ଛାଡି ଦେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି କଟିଙ୍ଗପାଣି ପ୍ରାଥମିକ ବିଦ୍ୟାଳୟକୁ ଦଶମ ପର୍ଯ୍ୟନ୍ତ ଓ ହଷ୍ଟେଲ ବ୍ୟବସ୍ଥା କରିବା ପାଇଁ ବୈଠକରେ ଦାବି କରାଯାଇଛି। ଅଞ୍ଚଳବାସୀ ଏକଜୁଟ ହୋଇ ଜିଲା ପ୍ରଶାସନକୁ ନିବେଦନ କରିବା ପାଇଁ ବୈଠକରେ ଦାବି କରାଯାଇଥିଲା। ବୈଠକରେ ଛତିଶଗଡ ଗରିଆବନ୍ଦ ଜିଲାର ଶିକ୍ଷାବିତ ଦେଶରାମ କମାର, ରୂପସିଂ କମାର, ଲାଲସିଂ କମାର, ରତିଜରାମ କମାର, ଝୁକୁ କମାର, ନେହେରୁ କମାର, ବନିତା ଧରୁଆ, ତିରତ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

# ବାଳିକାଙ୍କ ଉଚ୍ଚଶିକ୍ଷା ପାଇଁ ପ୍ରୋଜେକ୍ଟ ପଞ୍ଛୀ

ଲାଞ୍ଜିଗଡ, ୨୨।୮ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତ ଲିମିଟେଡ ଭାରତର ଅଗ୍ରଣୀ ମେଟାଲର୍ଜିକାଲ ଗ୍ରେଡ ଆଲୁମିନା ଉତ୍ପାଦନକାରୀ ଏହାର ପ୍ରକଳ୍ପ ପଞ୍ଛୀ ପଦକ୍ଷେପରେ ଝିଅମାନଙ୍କ ପାଇଁ ଏକ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ବେଦାନ୍ତ ଗ୍ରୁପ୍‌ର ଚେୟାରମ୍ୟାନ ଅନୀଲ ଅଗ୍ରୱାଲଙ୍କ କହିବା ଅନୁଯାୟୀ ଏହା ଏକ ଅନନ୍ୟ ପ୍ରକଳ୍ପ ଭାବେ କାର୍ଯ୍ୟ କରିବ। ଏହା ସମଗ୍ର ଭାରତରେ ଅବହେଳିତ ୧୦୦୦ ବାଳିକାଙ୍କୁ ନିଯୁକ୍ତି ଦେବା ଲକ୍ଷ୍ୟ ରଖିଛି, ଯେଉଁମାନେ କି ସାମାଜିକ ପ୍ରତିବନ୍ଧକ କାରଣରୁ ପରବର୍ତ୍ତୀ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ନିଯୁକ୍ତି ମାନଦଣ୍ଡକୁ ଆଧାର କରି ଓଡ଼ିଶାର କଳାହାଣ୍ଡି ଜିଲା ଲାଞ୍ଜିଗଡ଼ରେ ଥିବା ବେଦାନ୍ତ ଲିମିଟେଡ଼ରେ ମୂଳ କାର୍ଯ୍ୟକ୍ଷମ ସ୍ଥାନରେ ୪୦ ଜଣଙ୍କୁ ପ୍ରତିଶ୍ରୁତିମୂଳକ ନିଯୁକ୍ତି ଦେବାକୁ ଚିହ୍ନଟ କରାଯାଇଛି। ଏହି ବାଳିକାମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସେମାନଙ୍କ ଶିକ୍ଷା ସମାପ୍ତ ପରେ ସ୍ନାତକୋତର ଶିକ୍ଷା ନବୀଶ ଭାବେ କମ୍ପାନୀରେ କାର୍ଯ୍ୟ କରିବାର ସୁଯୋଗ ପାଇବେ। ନୂତନ ପ୍ରଶିକ୍ଷାର୍ଥୀଙ୍କୁ ବେଦାନ୍ତ ପକ୍ଷରୁ ସ୍ୱାଗତ କରାଯାଇ ଏକ ପ୍ରମୁଖ ଶିଳ୍ପ ଅପରେଶନ ମଧ୍ୟରେ ସେମାନଙ୍କୁ ସୁଯୋଗ ଦେବା ପାଇଁ କମ୍ପାନୀ ନିକଟରେ ଏକ ବ୍ୟାପକ ଆଭିମୁଖ୍ୟ ଅଧିବେଶନ ଆୟୋଜନ କରିଥିଲା।

ଏହି ବାଳିକାମାନେ ନିଜକୁ ସୁଦୃଢ କରି ରାଷ୍ଟ୍ର ନିର୍ମାଣରେ ସହାୟକ ହୋଇପାରିବେ। ପ୍ରକଳ୍ପର ପ୍ରଭାବ ସଂପର୍କରେ ବେଦାନ୍ତ ଲିମିଟେଡ଼ର ଡେପୁଟି ସିଇଓ ଆଲୁମିନା ବିଜିନେସ ଜି.ଜି. ପାଲ କହିଛନ୍ତି ଯେ, ଗୁଣାତ୍ମକ ଶିକ୍ଷାର ପ୍ରବେଶ ହେଉଛି ସାମାଜିକ ଉନ୍ନତି ପାଇଁ ରାସ୍ତା ନିର୍ମାଣ ଦିଗରେ ଏକ ପଦକ୍ଷେପ। ଏହି ଝିଅମାନେ ସେମାନଙ୍କ ଅଧ୍ୟୟନ ଜାରି ରଖିବା ସହ ଏକ ଲାଭଜନକ ନିଯୁକ୍ତି ସୁଯୋଗ ପାଇପାରିବେ। ସେମାନଙ୍କୁ ଉପଯୁକ୍ତ କରି ଗଢି ତୋଳିବାକୁ ଆମର ପ୍ରୟାସ ଜାରି ରହିବ। ଏହି କାର୍ଯ୍ୟକ୍ରମରେ ମନୋନୀତ ହୋଇଥିବା ଅମ୍ବାଦୋଳାର ଅନାମିକା ବାଗ ନିଜର ଖୁସିବ୍ୟକ୍ତ କରି କହିଛନ୍ତି ମୋର ସ୍ୱପ୍ନକୁ ସାକାର କରିବାରେ ବେଦାନ୍ତର ସହାୟତା ପ୍ରଶଂସନୀୟ। ଏହି ପଦକ୍ଷେପ ମୋ ଭଳି ଅନ୍ୟ ଝିଅମାନଙ୍କ ପାଇଁ କ୍ୟାରିୟର ଗଢିବାରେ ସହାୟକ ହେବ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବାଳିକାମାନେ।

### ଶଗଡ଼ାରେ ମାତିଲେ ଡକାୟତ: ୪ଟି ସ୍ଥାନରେ ଚୋରି

ଭବାନୀପାଟଣା, ୨୩।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ଗ୍ରାମାଞ୍ଚଳରେ ମାତିଛନ୍ତି ଡକାୟତ। ଡକାୟତ ଦଳ ମାରଣାସ୍ତ୍ର ଦେଖାଇ ମାଡ ମାରି ଲୁଟ୍‌ପାଟ କରୁଥିବାରୁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ପୋଲିସର ନିଷ୍କ୍ରିୟତା ଯୋଗୁ ଗ୍ରାମାଞ୍ଚଳରେ ଚୋରି, ଡକାୟତି, ରାହାଜାନୀ ବୃଦ୍ଧି ପାଇବାରେ ଲାଗିଛି ବୋଲି ଅଭିଯୋଗ ହେଉଛି । ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଶଗଡା ଗାଁର ବିଭିନ୍ନ ସ୍ଥାନରେ ଡକାୟତି ହୋଇଥିବା ଦେଖିବାକୁ ମିଳିଛି। ସୋମବାର ବିଳମ୍ବିତ ରାତିରେ ଶଗଡା ପଞ୍ଚାୟତ କାର୍ଯ୍ୟାଳୟରେ ଡକାୟତମାନେ ପଶି ସମସ୍ତ ଆଲମାରୀ ଭାଙ୍ଗି ଭତ୍ତା ଟଙ୍କା ସମେତ ଟିଭି ଓ ଜରୁରୀ ସାମଗ୍ରୀ ନେଇ ଯାଇଛନ୍ତି । ଏଥିସହ ପରିସରରେ ଥିବା ମିଶନ ଶକ୍ତି କାର୍ଯ୍ୟାଳୟ, କୃଷି ବିଭାଗ କାର୍ଯ୍ୟାଳୟ ଗେଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଛନ୍ତି। ସେହିପରି ଉକ୍ତ ରାତିରେ ଗାଁରେ ଥିବା ପ୍ରାୟ ୩ଟି ଦୋକାନ ସଟର ଭାଙ୍ଗି ଚୋରି ହୋଇଥିବା ଦେଖିବାକୁ ମିଳିଛି । ଦୋକାନରେ ଥିବା ଫ୍ରିଜ୍ ଓ ଡ୍ରରେ ଥିବା ଟଙ୍କା ନେଇ ଚମ୍ପଟ ମାରିଛନ୍ତି ଡକାୟତ। ମଙ୍ଗଳବାର ସକାଳୁ ଗ୍ରାମବାସୀ ଦେଖି ପ୍ରଥମେ ସ୍ଥାନୀୟ ସରପଞ୍ଚଙ୍କୁ ଖବର ଦେଇଥିଲେ। ସରପଞ୍ଚ ଏନେଇ ପୋଲିସକୁ ଜଣାଇ ଥିଲେ। ଖବରପାଇ ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶଥାଉ କି, ଗତ ରବିବାର ରାତିରେ ଜିଲାର କୋକସରା ଥାନା ଓଳମା ଗାଁରେ ମଧ୍ୟ ଏକ ବଡ଼ ଧରଣର ଡ଼କାୟତି ହୋଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଡ଼କାୟତଙ୍କୁ ଗିରଫ କରି ପାରିନାହିଁ। ଗ୍ରାମାଞ୍ଚଳରେ ଡକାୟତି ବୃଦ୍ଧି ପାଉଥିବା ବେଳେ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡାକଡି କରିବାକୁ ଦାବି ହେଉଛି।

# ଆଇସିଆର୍‌ପିଙ୍କୁ ଜୀବିକା ମିଶନରେ ସ୍ଥାୟୀ ନିଯୁକ୍ତି ଦାବି




ଆଇସିଆରପିଙ୍କ ଶୋଭାଯାତ୍ରା ।

### ଶୋଭାଯାତ୍ରା, ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଭବାନୀପାଟଣା, ୨୨।୮ (ଉତ୍ତମ କୁମାର ଦାଶ)

ଓଡିଶାରେ ୨୦୧୪ ମସିହାରେ ଜୀବିକା ମିଶନ ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନାର ସଫଳ ରୂପାୟନ ପାଇଁ ଆଇସିଆରପି (ଇଣ୍ଟରନାଲ କମ୍ୟୁନିଟି ରିସର୍ଚ୍ଚପର୍ସନ)ମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏପରି କି ଏହି ଯୋଜନାର ସଫଳ ରୂପାୟନରେ ମଧ୍ୟ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ହେଲେ ଅଦ୍ୟାବିଧି ସେମାନଙ୍କୁ ଜୀବିକା ମିଶନରେ ସ୍ଥାୟୀ କରାଯାଇନାହିଁ। ଯାହାକୁ ନେଇ ମଙ୍ଗଳବାର ଭବାନୀପାଟଣାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ପଞ୍ଚାୟତ ସ୍ତରରେ ସୋସିଆଲ ଅଡିଟର ପଦବୀ ସୃଷ୍ଟି କରି ଆଇସିଆରପିମାନଙ୍କୁ ନିଯୁକ୍ତି ପ୍ରଦାନ କରିବା, ୧ରୁ ୨ ମାସ କାମକୁ ବନ୍ଦ କରି ବର୍ଷ ସାରା କାର୍ଯ୍ୟରେ ନିୟୋଜିତ କରିବା, ସିଧାସଳଖ କୃଷି ମିତ୍ର, ପ୍ରାଣୀ ମିତ୍ରରେ ନିଯୁକ୍ତି ପ୍ରଦାନ କରିବା, ପଞ୍ଚାୟତ ଓ ବ୍ଲକ ସ୍ତରରେ ଆସୁଥିବା କାର୍ଯ୍ୟରେ ତାଙ୍କୁ ଅଗ୍ରାଧିକାର ଦେବା, ତାଲିମପ୍ରାପ୍ତ ଆଇସିଆରପିମାନଙ୍କୁ ଜୀବିକା ମିଶନ ଓ ମିଶନ ଶକ୍ତି ଅଧୀନରେ କାର୍ଯ୍ୟ ପ୍ରଦାନ କରିବା ଆଦି ଦାବି ରହିଛି। ଜିଲାପାଳ ଉପସ୍ଥିତ ନ ଥିବାରୁ ଏହି ଦାବିପତ୍ରକୁ ସହକାରୀ ଜିଲାପାଳ ଧିରଜ ପଟ୍ଟନାୟକ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ସ୍ଥାନୀୟ ବସଷ୍ଟାଣ୍ଡଠାରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ମଧ୍ୟ ହୋଇଥିଲା। ଜିଲା ସଭାନେତ୍ରୀ ଗୋଲାପୀ ରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସମ୍ପାଦିକା ତରୁଣୀ ବାଗ, ଚନ୍ଦ୍ରଣା ଭୋଇ, ହେମମଞ୍ଜରୀ ଭୋଇ, ବିଜୁଲି ସେନାପତି, ସୁଷମା ସାହୁ, ଲୀଳାବତୀ ଭୋଇ ପ୍ରମୁଖ ସାମିଲ ଥିଲେ।

# ସାକ୍ଷରତା ଶିକ୍ଷା ପ୍ରେରକ ସଂଘ ଶୋଭାଯାତ୍ରା

### ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଭବାନୀପାଟଣା, ୨୨।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ସାକ୍ଷରତା ଶିକ୍ଷା ପ୍ରେରକ ସଂଘ ପକ୍ଷରୁ ମଙ୍ଗଳବାର ୫ ଦଫା ଦାବି ନେଇ ଭବାନୀପାଟଣାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରେରକମାନଙ୍କୁ ଯେ କୌଣସି ସରକାରୀ କ୍ଷେତ୍ରରେ ସ୍ଥାୟୀ ନିଯୁକ୍ତି କରିବା, ପ୍ରାକ୍ ବିଦ୍ୟାଳୟରେ ଶିକ୍ଷାଦାନ କରିବା ପାଇଁ ପ୍ରେରକମାନଙ୍କୁ ଅଗ୍ରାଧିକାର ଦିଆଯିବା, ବୟସ ସୀମା କୋହଳ କରି ପଞ୍ଚାୟତ ସ୍ତରରେ ଅଗ୍ରାଧିକାର ଦିଆଯିବା, ୨୦୦୩ରୁ ୨୦୧୮ ମାର୍ଚ୍ଚ ପର୍ଯ୍ୟନ୍ତ ଦୀର୍ଘ ୧୫ବର୍ଷର ଅଭିଜ୍ଞତାକୁ ଦୃଷ୍ଟିରେ ରଖି ନୂତନ କାର୍ଯ୍ୟକ୍ରମକୁ ଆଧାର କରି ପୁନଃ ନିଯୁକ୍ତି ଦେବା ଓ ଜାତୀୟ ମହାତ୍ମାଗାନ୍ଧୀ ପାଠାଗାରରେ ପ୍ରେରକମାନଙ୍କୁ ଅଗ୍ରାଧିକାର ଦିଆଯାଉ ବୋଲି ଦାବି କରାଯାଇଛି। ଏହି ଅବସରରେ ପ୍ରାରମ୍ଭରେ ଏକ ଶୋଭାଯାତ୍ରା କରାଯାଇଥିଲା। ଜିଲାପାଳ ଉପସ୍ଥିତ ନ ଥିବାରୁ ଦାବିପତ୍ରକୁ ସହକାରୀ ଜିଲାପାଳ ଧିରଜ ପଟ୍ଟନାୟକ ଗ୍ରହଣ କରିଥିଲେ। ପ୍ରେରକ ସଂଘର ଜିଲା ସଭାପତି ଅକ୍ରୁର ମହାଲିକଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉପସଭାପତି ବସନ୍ତ କୁମାର ସିଂହ, ସମ୍ପାଦକ ଜଗତରାମ ସାହୁ, ସହ ସମ୍ପାଦକ ଛବି ବିହାରୀ, କୋଷାଧ୍ୟକ୍ଷ ଗାୟତ୍ରୀ ଠାକୁର ପ୍ରମୁଖ ସାମିଲ ହୋଇଥିଲେ।

# ଉଜ୍ଜ୍ୱଳା ଦିଦି ସଂଘର ବୈଠକ

ଖଡ଼ିଆଳ, ୨୨।୮ (ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡିଆଳ ଅଗ୍ରେସେନ ଧର୍ମଶାଳା ପରିସରରେ ଭାରତ ମଜଦୁର ସଂଘ ଆହ୍ୱାନ କ୍ରମେ ଉଜ୍ଜ୍ୱଳା ଦିଦି ସଂଘ ନୂଆପଡାର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ମଜଦୁର ସଂଘ ସଭାପତି ପ୍ରଦୀପ କୁମାର ଦଣ୍ଡସେନା ଏବଂ ସାଙ୍ଗଠନିକ ସମ୍ପାଦକ କୁଞ୍ଜ ବିହାରୀ କଟା, ବୈଷ୍ଣବ ଜଗତ, ଖଗେଶ୍ୱର ପରାଭୋଇ ଏଥିରେ ଯୋଗ ଦେଇଥିଲେ। ଉଜ୍ଜ୍ୱଳା ଦିଦି ସଂଘ କର୍ମକର୍ତ୍ତାଙ୍କୁ ପରିଚୟ ପତ୍ର ଏବଂ ପୋଷାକ ପ୍ରଦାନ, ଦିଦିଙ୍କୁ ସ୍ଥାୟୀ ନିଯୁକ୍ତି ଦାବି, ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବା ସହ ପାରିଶ୍ରମିକ ପ୍ରଦାନ ଦାବି କରିଛନ୍ତି। ଆଗାମୀ ଦିନରେ ନୂଆପଡ଼ା ଜିଲାସ୍ତରୀୟ ଆନ୍ଦୋଳନ କରିବାକୁ ଆଗେଇ ଆସିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଖଡିଆଳ, ବୋଡ଼େନ ଏବଂ ସିନାପାଲିର ଉଜ୍ଜ୍ୱଳା ଦିଦିମାନେ ବୈଠକରେ ଯୋଗ ଦେଇଥିଲେ। ବିଭିନ୍ନ ଦାବି ନେଇ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦେବା କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ଗୋମତୀ ନାଗ, ହେମାଞ୍ଜଳି ମେହେର, ସରିତା ତାଣ୍ଡି, ସଂଯୁକ୍ତା ବାଗ, ସୁଧା ମଞ୍ଜରୀ ନିଆଳ, ଅଞ୍ଜଳି ଜଗତ ଯୋଗ ଦେଇଥିଲେ। ରୁକ୍ମିଣୀ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଯୋଗଦେଇଥିବା ଉଜ୍ଜ୍ୱଳା ଦିଦି ଓ ଅନ୍ୟମାନେ।

# ଜିଲାପାଳଙ୍କ ଅଫିସ ଆଗରେ ସରପଞ୍ଚ ସଂଘର ଗଣଧାରଣା

### ଦାବିପତ୍ର ଗ୍ରହଣ କରିବାକୁ ଆସିଲେନି ଜିଲାପାଳ

ଭବାନୀପାଟଣା, ୨୨।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ସରପଞ୍ଚ ସଂଘ ପକ୍ଷରୁ ମଙ୍ଗଳବାର ୧୧ ଦଫା ଦାବି ନେଇ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ଆଗରେ ଗଣଧାରଣା ଦିଆଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ଜିଲାପାଳ ଦାବିପତ୍ର ଗ୍ରହଣ କରିବାକୁ ନ ଆସିବାରୁ ଅପରାହ୍ନ ୨ଟାରୁ ଜିଲାପାଳଙ୍କ ଅଫିସ ଆଗରେ ଜିଲା ସରପଞ୍ଚ ସଂଘ ଅନଶନ କରିଥିଲା। ଏହାପରେ ମଧ୍ୟ ଜିଲାପାଳ ନ ଆସିବାରୁ ନିରାଶ ହୋଇ ସଂଘ ପକ୍ଷରୁ ଦାବିପତ୍ରକୁ ପୋଡି ଦିଆଯାଇଥିବା ଜଣାପଡିଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କୁ ସଂଘ ପକ୍ଷରୁ ସିଧାସଳଖ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସରପଞ୍ଚଙ୍କ ମାସିକ ଭତ୍ତା ୧୫ହଜାର ଟଙ୍କା କରିବା, ସରପଞ୍ଚ ଥିବା ସମୟରେ ମୃତ୍ୟୁ ହେଲେ ୨୦ ଲକ୍ଷ ଟଙ୍କା ସହାୟତା, ୭୩ତମ ପଞ୍ଚାୟତ ଆଇନର ଆଦେଶ ଅନୁଯାୟୀ ପଞ୍ଚାୟତ ଅଧୀନରେ ଆସୁଥିବା ୨୭ଟି ବିଭାଗକୁ ପଞ୍ଚାୟତକୁ ସମ୍ପୂର୍ଣ୍ଣ ଦେବା, ପଞ୍ଚାୟତକୁ ସ୍ୱୟଂ ଶାସନ ଅନୁଷ୍ଠାନର ମାନ୍ୟତା ଦିଆଯାଇଛି , ହେଲେ ଯେ କୌଣସି ଆର୍ଥିକ ଟ୍ରାନଜେକସନ୍ ରେ ବିଡିଓଙ୍କ କାଉଣ୍ଟର ଦସ୍ତଖତ ନିଆଯାଉଥିବାରୁ ଏହାକୁ ହଟେଇବା, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସରପଞ୍ଚ ଓ ପିଇଓଙ୍କ ଯୁଗ୍ମ ପାସ୍ ବହି କରାଯିବା, ସରପଞ୍ଚମାନେ ସିଧାସଳଖ ମତଦାତାମାନଙ୍କ ଦ୍ୱାରା ନିର୍ବାଚିତ ହେଉଥିବାରୁ ଅନାସ୍ଥା ପ୍ରସ୍ତାବ ହଟାଇବା, ଆମ ଓଡିଶା ନବୀନ ଓଡିଶା ଯୋଜନା ଗ୍ରାମସଭା ମାଧ୍ୟମରେ ପାରିତ କରି ତଦାରଖର ଦାୟିତ୍ୱ ପଞ୍ଚାୟତକୁ ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି। ଉପରୋକ୍ତ ଦାବି ପୂରଣ ଦିଗରେ ସରକାର ପଦକ୍ଷେପ ନ ନେଲେ ଆଗାମୀ ସାଧାରଣ ନିର୍ବାଚନରେ ଏହାର ଜବାବ ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାଇ ଦିଆଯାଇଛି। ଜିଲା ସଭାପତି ସୁବୋଧ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣଧାରଣାରେ ଜିଲା ଉପସଭାପତି ତାରା ଶଙ୍କର ରାୟଗୁରୁ, ନକୁଳ ନାଏକ, ସାଧାରଣ ସମ୍ପାଦିକା ରଶ୍ମିତା ନାଏକ, ସମ୍ପାଦକ ଗୋବିନ୍ଦ ନାଏକ, ଦିଗାମ୍ବର ଲୁହା, ଯୁଗ୍ମ ସମ୍ପାଦକ ଦେବେନ୍ଦ୍ର ସା, ଯାମିନୀ ସାହୁ, ଦିପ୍ତିରାଣୀ ସାହୁ, ଗୌରୀ ସେଠିଆ, ପ୍ରମୋଦ ସାହୁ, ମମତା ରାଣୀ ନାଗ ପ୍ରମୁଖ ଯୋଗ ଦେଇଥିଲେ।



ସରପଞ୍ଚ ସଂଘ ପକ୍ଷରୁ ଦାବିପତ୍ର ପୋଡ଼ାଯାଉଛି।

## ଏନ୍ଏସି ଉପାଧକ୍ଷାଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ପଦ୍ମପୁର (ପ୍ରଦୀପ୍ତ ଦାଶ): ପଦ୍ମପୁର ଏନ୍ଏସି ଉପାଧକ୍ଷାଙ୍କ ନବନିର୍ମିତ କାର୍ଯ୍ୟାଳୟ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏନଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ଉପାଧକ୍ଷା ଭାରତୀ ପଟ୍ଟନାୟକ, କାଉନସିଲର ଗଣ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟ୍ରେନରେ କଟି ଯୁବକ ମୃତ

**ବରପାଲି,୨୨।୮(ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲା ବରପାଲି ରେଳ ଷ୍ଟେଶନରେ ମଙ୍ଗଳବାର ଏଲ୍ଏପି-ବୋକାରୋ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାବୁଲୁ ଚୌଧୁରୀ (୨୬)। ସେ ଗୁପଚୁପ ବେପାର କରି ବରପାଲି ତହସିଲ ଛକ ନିକଟରେ ସପରିବାର ରହୁଥିଲେ। ତାଙ୍କ ପକେଟରୁ ଟିଟିଲାଗଡରୁ ବରପାଲି ଏକ ଟ୍ରେନ ଟିକେଟ ମିଳିଥିବାରୁ ତାଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ନା ଆତ୍ମହତ୍ୟା ଜଣାପଡିନାହିଁ। ରେଲୱେ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

### ଜାଗା ମିଶନ ଏକ ଆଶୀର୍ବାଦ

**ବରଗଡ଼,୨୨।୮(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ମଙ୍ଗଳବାର ଜାଗା ମିଶନ ଯୋଜନା ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଝୁଓ୍ପୁଡ଼ି ବସ୍ତି ବାସିନ୍ଦାଙ୍କ ପାଇଁ ଜାଗା ମିଶନ ଏକ ଆଶୀର୍ବାଦ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହା ଏକ ସ୍ୱପ୍ନର ପ୍ରକଳ୍ପ ବୋଲି ଉଲ୍ଲେଖ କରି ସମସ୍ତ ଗରିବ ଲୋକଙ୍କୁ ଜାଗା ଯୋଗାଇବା ଯୋଜନାର ଲକ୍ଷ୍ୟ ବୋଲି ବିଧାୟକ ଆଚାର୍ଯ୍ୟ ପ୍ରକାଶ କରିଥିଲେ। ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ଜାଗା ମିଶନ ଉପଦେଷ୍ଟା ଶାଶ୍ୱତୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଯୋଜନା ଦ୍ୱାରା ସହରାଞ୍ଚଳର ଝୁଓ୍ପୁଡ଼ିରେ ବସବାସ କରୁଥିବା କେହି ବି ଯେଭଳି ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝି, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ ଏବଂ କାଉନସିଲରବୃନ୍ଦ ଉପସ୍ଥିତ ଥିଲେ।

### ରାସ୍ତା କଡରେ ଶୁଖିଲା ଗଛ



**ଅମରପାଲି,୨୨।୮(ପୀତାମ୍ବର ସାହୁ)** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ପଞ୍ଚାୟତର ମେଣ୍ଡିଲିପାଲି ଛକ ନିକଟ ପୋଖରୀ ପାଖରେ ରାସ୍ତାକୁ ଲାଗି ରହିଛି ଏକ ବଡ ଶୁଖିଲା ଗଛ। ଏବେ ଉକ୍ତ ଗଛ ବିପଦପୂର୍ଣ୍ଣ ଭାବେ ରହିଛି। ଯେ କୌଣସି ସମୟରେ ଗଛଟି ଭାଙ୍ଗିଯିବାର ଆଶଙ୍କା ରହିଛି। ବୀରମହାରାଜପୁର-ଅମରପାଲି ମୁଖ୍ୟ ରାସ୍ତାକୁ ଲାଗି କରିଥିବା ଉକ୍ତ ଗଛ ଦୀର୍ଘଦିନ ହେଲା ଶୁଖି ଥୁଣ୍ଟା ହୋଇ ରହିଛି। ଉକ୍ତ ରାସ୍ତା ଦେଇ ଦୁର୍ଜନଟେଲା, ବହଳପଦର, ଲୁଡୁରପଙ୍କ ପଞ୍ଚାୟତର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ଯିବାଆସିବା କରିଥାନ୍ତି। ରେଢାଖୋଲ ବ୍ଲକର ରେଙ୍ଗାଲି, ବଡମାଳ, ଭାଲିଆକଟା, ଗରଗଡବାହାଲ ପଞ୍ଚାୟତର ଲୋକେ ମଧ ଉକ୍ତ ରାସ୍ତା ଦେଇ ଯାତାୟତ କରିଥାନ୍ତି। ଏପରି କି ଭୁଡିଆପାଲି କଲେଜ, ବୀରମହାରାଜପୁର କଲେଜ ଏବଂ ଲୁଡୁରପଙ୍କ ହାଇସ୍କୁଲକୁ ଛାତ୍ରୀଛାତ୍ରମାନେ ପ୍ରତ୍ୟହ ଯିବା ଆସିବା କରନ୍ତି। ତୁରନ୍ତ ଉକ୍ତ ଶୁଖିଲା ଗଛ କାଟିବାକୁ ସାଧାରଣରେ ଦାବି ହେଉଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ପଦ୍ମପୁର,୨୨।୮(ପ୍ରଦୀପ୍ତ ଦାଶ):** ପଦ୍ମପୁରର ଅବସରପ୍ରାପ୍ତ ଶିକ୍ଷକ ଅବନୀ ମୋହନ ବହିଦାରଙ୍କ ୭୭ ବର୍ଷ ବୟସରେ ହୃଦ୍‌ଘାତରେ ବିୟୋଗ ହୋଇଯାଇଛି। ସେ ପୂର୍ବରୁ ବାଳକ ପ୍ରାଥମିକ ବିଦ୍ୟାଳୟ, ପଦ୍ମପୁର ଓ ଭେଁଡରିଆ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ। ସେ ତାଙ୍କ ପଛରେ ବିଧବା ପତ୍ନୀ ତରୁଲତା, ପୁଅ ବୋହୂ, ନାତି, ଝିଅ ଜୋଇଁଙ୍କୁ ଛାଡି ଚାଲି ଯାଇଛନ୍ତି। ତାଙ୍କ ଶେଷ ଯାତ୍ରାରେ ସହର ର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ଏକମାତ୍ର ପୁତ୍ର ସୌମ୍ୟକାନ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ଦିନକରେ ଗିରଫ ହେଲେ ୫୮

**ବରଗଡ଼,୨୧।୮(ପ୍ରେମାନନ୍ଦ ଖମାରୀ)**




ବରଗଡ଼ ଟାଉନ ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତମାନେ। ଜବତ କଫ ସିରପ।

**କଫ ସିରପ୍ ଦମନ ଅଭିଯାନ କଡ଼ାକଡ଼ି**
- ୭୮୦୦ ବୋତଲ କଫ ସିରପ ଜବତ
- ପିକ୍‌ଅପ୍ ଭ୍ୟାନରେ ହେଉଥିଲା ଚାଲାଣ
- କଫ ସିରପ୍ ଉପରେ ଟମାଟୋ ସସ୍
- ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍

ବରଗଡ଼ ପୋଲିସ ଜିଲାରେ କଫ ସିରପ ଦମନ ଅଭିଯାନ କଡ଼ାକଡ଼ି କରିଛି। ମଙ୍ଗଳବାର ଜିଲାର ବିଭିନ୍ନ ସ୍ଥାନରେ ଅତର୍କିତ ଚଢ଼ାଉ କରି ପୋଲିସ ୭୮୦୦ ବୋତଲ କଫ ସିରପ ଜବତ କରିଛି। ଏଥିରେ ସମ୍ପୃକ୍ତ ୫୮ଜଣଙ୍କୁ ଗିରଫ କରାଯାଇଛି। କଫ ସିରପ କାରବାରରେ ବ୍ୟବହୃତ ୨ଟି ପିକଅପ୍ ଭ୍ୟାନ (ନଂ.ଓଡ଼ି୧୭ଏଏ/୪୬୯୯ ଏବଂ ନଂ.ଓଡ଼ି୧୭ଭି/୩୩୯୪)କୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଜିଲାର ବିଭିନ୍ନ ଥାନାରେ ୧୨ଟି ପୃଥକ୍ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରାଯାଇଥିବା ପୋଲିସ ସୂଚନା ଦେଇଛି। ତେବେ ଅଭିଯୁକ୍ତମାନେ କଫ ସିରପ୍ ପେଟି ଉପରେ ଟମାଟୋ ସସ୍ ପେଟି ରଖି ଚାଲାଣ କରିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ବରଗଡ଼ ଟାଉନ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ସୂଚନା ଦେଇ କହିଥିଲେ, ଜିଲାକୁ ବିପୁଳ ପରିମାଣରେ କଫ ସିରପ୍ ଆସୁଥିବା ନେଇ ସୋମବାର ରାତିରୁ ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଏସ୍‌ପି ପି.ଏସ୍ ମୀନାଙ୍କ ନିର୍ଦ୍ଦେଶକ୍ରମେ ୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା ଏବଂ ସେହି ଟିମ୍‌ଗୁଡ଼ିକ କଫ ସିରପ ଚାଲାଣ ଉପରେ ନଜର ରଖିଥିଲେ। ମଙ୍ଗଳବାର ଉକ୍ତ ୨ଟି ପିକଅପ୍ ଭ୍ୟାନରେ କଫ ସିରପ ବୋଝେଇ ହୋଇ ବରଗଡ଼ ସହରକୁ ଆସିଥିବାବେଳେ ସହରର ପ୍ରବେଶ ପଥରେ ଟାଉନ ଥାନା ଆଇଆଇସି ସତ୍ୟଜିତ କାଣ୍ଡନକେଲଙ୍କ ନେତୃତ୍ୱରେ ଗଠିତ ଟିମ୍ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଉକ୍ତ ୨ଟି ପିକଅପ୍ ଭ୍ୟାନରୁ ୬୫୦୦ ବୋତଲ କଫ ସିରପ ମିଳିଥିଲା। କଫ ସିରପ ପେଟି ଉପରେ ଟମାଟୋ ଏବଂ ଚିଲ୍ଲି ସସ୍ ବୋତଲ ରଖାଯାଇଥିଲା। ଟାଉନ ଥାନା ପୋଲିସ ଏ ନେଇ ଏକ ମାମଲା (ନଂ.୫୨୮/୨୩) ରୁଜୁ କରି ୧୬ଜଣଙ୍କୁ ଗିରଫ କରିଛି।

ସେହିପରି ଜିଲାର ଅମ୍ଭାଭୋନା, ଭେଡ଼େନ, ବରପାଲି, ସୋହେଲା, ପାଇକମାଳ ଏବଂ ଗାଇସିଲେଟ ଥାନା ଅଞ୍ଚଳରେ ମଧ୍ୟ ପୋଲିସର ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା। ସେଠାରୁ ମଧ୍ୟ ପୋଲିସ ବିପୁଳ ପରିମାଣରେ କଫ ସିରପ ଜବତ ସହିତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅମ୍ଭାଭୋନାରେ ୫, ଭେଡ଼େନରେ ୩, ବରପାଲିରେ ୪, ସୋହେଲାରେ ୮, ପାଇକମାଳରେ ୧୨ ଏବଂ ଗାଇସିଲେଟରେ ୧୦ଜଣଙ୍କୁ ଗିରଫ କରାଯାଇଥିବା ଅତିରିକ୍ତ ଏସ୍‌ପି ମହାନ୍ତି ସୂଚନା ଦେଇଛନ୍ତି। ଏ ନେଇ ଅମ୍ଭାଭୋନା ଥାନାରେ ୩ ମାମଲା(ନଂ.୧୭୧/୨୩, ୧୭୨/୨୩, ୧୭୩/୨୩), ଭେଡ଼େନ ଥାନାରେ ୩ ମାମଲା (ନଂ.୨୪୭/୨୩. ୨୪୮/୨୩, ୨୪୯/୨୩), ବରପାଲି ଥାନାରେ ୨ମାମଲା (ନଂ.୨୭୮/୨୩, ୨୭୯/୨୩), ସୋହେଲା ଥାନାରେ ଗୋଟିଏ ମାମଲା (ନଂ.୧୫୮/୨୩), ପାଇକମାଳ ଥାନାରେ ଗୋଟିଏ ମାମଲା (ନଂ.୧୯୩/୨୩) ଏବଂ ଗାଇସିଲେଟ ଥାନାରେ ଗୋଟିଏ ମାମଲା(ନଂ.୧୫୫/୨୩) ରୁଜୁ ହୋଇଛି। ଏହି ଅଭିଯାନ ଆଗକୁ ଜାରି ରହିବ ବୋଲି ଅତିରିକ୍ତ ଏସ୍‌ପି ମହାନ୍ତି କହିଛନ୍ତି। ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ଟାଉନ ଥାନା ଆଇଆଇସି ସତ୍ୟଜିତ କାଣ୍ଡନକେଲ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱଭାବ କବିଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି

**ପଦ୍ମପୁର,୨୨।୮(ପ୍ରଦୀପ୍ତ ଦାଶ)**

ଆଗାମୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ରାଜବୋଡାସମ୍ବର ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡ. ପ୍ରମୋଦ କୁମାର ପାଣି ସଭାପତିତ୍ୱ କରିଥିଲେ। ପରିଷଦର ସମ୍ପାଦକ ଶେଷଦେବ ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ତପୋମହିମାର ପ୍ରକାଶନ, ପ୍ରତିଯୋଗିତା ଆୟୋଜନ, ସଭା କାର୍ଯ୍ୟ ପରିଚାଳନା ଆଦି ବିଷୟରେ ଆଲୋଚନା ହୋଇଥିଲା। ଉପ ସଭାପତି ରୋହିତ ମେହେର, ସନ୍ତୋଷ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସମାଜସେବୀ ନିରୋଜ ଦୋରା, ପ୍ରୀତିରଞ୍ଜନ ପ୍ରଧାନ, ନାଟ୍ୟକାର ଅଶୋକ ବହିଦାର, ସନ୍ତୋଷ ମିଶ୍ର, ସନ୍ତୋଷ ସିଂ ଠାକୁର, ରାମଚନ୍ଦ୍ର ମେହେର, ବିଦ୍ୟାଧର ଦାଶ, କିଶୋର ପାତ୍ର, କୁଞ୍ଜବିହାରୀ ସରାଫ ପ୍ରମୁଖ ଉପସ୍ଥିତ ଥିଲେ। ସହ ସମ୍ପାଦକ ଡ. ଜୟକେତନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୀତଳ ଭଣ୍ଡାର ଲୋକାର୍ପଣ

**ବରଗଡ଼,୨୨।୮(ପ୍ରେମାନନ୍ଦ ଖମାରୀ)**



ଶୀତଳ ଭଣ୍ଡାର ଲୋକାର୍ପଣ କରାଯାଉଛି।

ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନ ବେହେରା ବଜାର ପ୍ରାଙ୍ଗଣରେ ନିର୍ମିତ ଶୀତଳ ଭଣ୍ଡାର ମଙ୍ଗଳବାର ଲୋକାର୍ପିତ ହୋଇଛି। ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ୧୦ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ସୌର ଓ ବିଦ୍ୟୁତ ଚାଳିତ ଏହି ଶୀତଳ ଭଣ୍ଡାରକୁ ଲୋକାର୍ପଣ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦିତ୍ୟ ଗୋୟଲ, ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ ଶୀତଳ ଭଣ୍ଡାର ନିର୍ମାଣର ପୃଷ୍ଠଭୂମି, ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ଆବଶ୍ୟକତାକୁ ଅନୁଧ୍ୟାନ କରି ଆହୁରି ଏଭଳି ଶୀତଳ ଭଣ୍ଡାର ନିର୍ମାଣର ଯୋଜନା ରହିଛି ବୋଲି ସେ କହିଥିଲେ। ଉକ୍ତ ଶୀତଳ ଭଣ୍ଡାର ନିର୍ମାଣ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଉତ୍ପାଦିତ କୃଷିଜାତ ଦ୍ରବ୍ୟକୁ ଉଚିତ ମୂଲ୍ୟରେ ବିକ୍ରି କରିବାର ସୁଯୋଗ ପାଇପାରିବେ ବୋଲି ଜିଲାପାଳ କହିଥିଲେ। ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ପଣ୍ଡା ଶୀତଳ ଭଣ୍ଡାର ନିର୍ମାଣରେ ସରକାରଙ୍କ ଆର୍ଥିକ ସହାୟତା ଏବଂ ଏହାର ଆବଶ୍ୟକତା ଉପରେ ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଂସ୍ଥାର ସହାୟକ ଆଦିତ୍ୟ ନାୟକ ଶୀତଳ ଭଣ୍ଡାର ପରିଚାଳନା, ଏହାର ଉପାଦେୟତା ଉପରେ ସୂଚନା ଦେଇଥିବାବେଳେ ଓରମାସ୍‌ର ଡେପୁଟି ସିଇଓ ରାଜଗୋପାଳ ଦାଶ ବ୍ୟବହାରିକ ଦିଗ ଉପରେ ନିଜ ମତ ରଖିଥିଲେ। ଚାଷୀନେତା କିଶୋର ଦେବତା, ଜିଲା ପରିଷଦ ସଭ୍ୟା ପ୍ରଭାସିନୀ ପ୍ରଧାନ, ଜିଲା ପରିଷଦ ସଭ୍ୟ ଗୋବିନ୍ଦ ସାହୁ, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜିଲା ପ୍ରକଳ୍ପ ମ୍ୟାନେଜର ଶଙ୍କର ଚଲାନ, ସରପଞ୍ଚ ନିରଞ୍ଜନ ମଲ୍ଲିକ, ଆର୍‌ଏମ୍‌ସି ଉପାଧ୍ୟକ୍ଷ ବିଦ୍ୟାଧର ଭୋଇଙ୍କ ସମେତ ଖୁଣ୍ଟପାଲି, ସରସରା, ଏସ. ଡୁମେରପାଲି, ବିରମାଲ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ପୁରୁଣାକଟକ,୨୨।୮(ସୁକାନ୍ତ ପଟ୍ଟନାୟକ)**

ପୁରୁଣାକଟକ ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ ରଞ୍ଜିତ କୁମାର ମୁନିଙ୍କୁ ହରଭଙ୍ଗା ବ୍ଲକ ଗଣମାଧ୍ୟମ ପ୍ରତିନିଧିଙ୍କ ତରଫରୁ ସ୍ୱାଗତ କରାଯାଇଛି। ଏହି ସମୟରେ ହରଭଙ୍ଗା ବ୍ଲକର ବିଭୁଦତ୍ତ ବୋଷ, ଭାଗବତ ମେହେର, ବାସୁଦେବ ସାହୁ, ଶାଶ୍ୱତ ଦାଶ, ସିମୁନ ନାଏକ, ଧିରେନ ପ୍ରଧାନ, କୁମୁଦ ଚନ୍ଦ୍ର ସାହୁ, ସୁଶାନ୍ତ କୁମାର ବେହେରା ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ସେହିପରି ଚାରିଛକ ଜଗନ୍ନାଥ ମନ୍ଦିର କମିଟି, ପୁରୁଣାକଟକ ବ୍ୟବସାୟୀ ସଂଘ ଓ ହରଭଙ୍ଗା ସରପଞ୍ଚ ସଂଘ ପକ୍ଷରୁ ମଧ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଗାମୀ ଦିନରେ ଅଞ୍ଚଳରେ ଆଇନଶୃଙ୍ଖଳା ବଜାୟ ରଖିବା ନେଇ ଅଞ୍ଚଳବାସୀ ସହଯୋଗ କରିବାକୁ ନୂତନ ଥାନା ଅଧିକାରୀ ମୁନି କହିଥିଲେ।

## ମହିଳା ମାରୱାଡି ସମିତିର ବୃକ୍ଷରୋପଣ



**ପଦ୍ମପୁର,୨୨।୮(ପ୍ରଦୀପ୍ତ ଦାଶ)**

ଅଖିଳ ଭାରତୀୟ ମାରୱାଡି ମହିଳା ସମିତି ପଦ୍ମପୁର ଶାଖା ପକ୍ଷରୁ ସ୍ଥାନୀୟ ନୂଆପାଲି ନବପ୍ରଭାତ ଆଶ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାନେତ୍ରୀ କ୍ରିଷ୍ଣା ଅଗ୍ରୱାଲ, ସମ୍ପାଦିକା ଏନି ଅଗ୍ରୱାଲ, କୋଷାଧ୍ୟକ୍ଷ ସଙ୍ଗୀତା ଅଗ୍ରୱାଲ, ରାଜକୁମାରୀ, ସବିତା, ଗୋଲ୍ଡି, ପୂଜା, ମନିଷା, କିରନ, କିର୍ତ୍ତି, ସବିତା, ମମତା, ସମତା, ଶ୍ରଦ୍ଧା ଓ ଗାୟତ୍ରୀ ଅଗ୍ରୱାଲ ପ୍ରମୁଖ ସାମିଲ ହୋଇଥିଲେ।

## ସୁବଳ ସାହୁଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ



ଅତିଥିମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି।

**ବରପାଲି,୨୨।୮(ଚିତ୍ତରଞ୍ଜନ ସାହୁ)**

ବିଜେପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଦିବଂଗତ ସୁବଳ ସାହୁଙ୍କ ଶ୍ରାଦ୍ଧ ବାର୍ଷିକୀ ସୁବଳ ସାହୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବରପାଲିରେ ପାଳିତ ହୋଇଛି। ଏହି ଅବସରରେ ସକାଳ ସାଢେ ୯ରେ ବସ୍‌ଷ୍ଟାଣ୍ଡ ସ୍ଥିତ କାର୍ଯ୍ୟାଳୟରେ ସୁବଳ ସାହୁଙ୍କ ପ୍ରତିଛବିରେ ପୁଷ୍ପ ମାଲ୍ୟାର୍ପଣ ପରେ ସୁବଳ ସାହୁ ଶିଶୁ ଉଦ୍ୟାନରେ ଥିବା ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ମନ୍ତ୍ରୀ ରୀତା ସାହୁଙ୍କ ସମେତ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ଆଚାର୍ଯ୍ୟ, ବିଜେଡି ଜିଲା ସଭାପତି ଡକ୍ଟର ପ୍ରଭାସ ସିଂ, ବରପାଲି ନଗରପାଳ ଦୀନେଶ ଗହୀର, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ମେମୋରିଆଲ ଟ୍ରଷ୍ଟ ସଭାପତି ଅଚ୍ୟୁତାନନ୍ଦ ପଣ୍ଡା, ଅଚ୍ୟୁତାନନ୍ଦ ଦାଶଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ। ଏହାସହ ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ, ଆହାର କେନ୍ଦ୍ରରେ ଆହାର ଖାଦ୍ୟ ବଣ୍ଟନ ସହିତ ବିଜେପୁର ବ୍ଲକ ସମଲେଇ ପଦର ବୃଦ୍ଧା ଶ୍ରମ ରେ ବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି ଅବସରରେ ଯୋଗୀମୁଣ୍ଡା ଶିବ ମନ୍ଦିରରେ ଜଳଶାୟୀ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାଶ ମଧ ଯୋଗ ଦେଇଥିଲେ।

## ସମାଜରେ ସଂସ୍କୃତ ଶିକ୍ଷା ଏକାନ୍ତ ଆବଶ୍ୟକ



ଅଧିବେଶନରେ ଉପସ୍ଥିତ ସଦସ୍ୟ।

**ପଦ୍ମପୁର,୨୨।୮(ପ୍ରଦୀପ୍ତ ଦାଶ)**

ପଦ୍ମପୁର ବରିକେଲସ୍ଥିତ ଲାଲାଜୀଗୋପାଳ ଜୀ ସଂସ୍କୃତ ମହାବିଦ୍ୟାଳୟ ପରିଚାଳନା ପରିଷଦର ପ୍ରଥମ ଅଧିବେଶନ ସଭାପତି ସୁରେଶ ଚନ୍ଦ୍ର ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଚୌହାନ ଓ ସଂପାଦକ ହରେକୃଷ୍ଣ ମିଶ୍ରଙ୍କୁ ସଦସ୍ୟମାନେ ସ୍ୱାଗତ କରିଥିଲେ। ଅଧ୍ୟାପକ ଭାଗୀରଥି ପଣ୍ଡା ଉପସ୍ଥିତ ସଦସ୍ୟଙ୍କ ପରିଚୟ ପ୍ରଦାନ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମାଜରେ ସଂସ୍କୃତ ଶିକ୍ଷା ଏକାନ୍ତ ଆବଶ୍ୟକ ବୋଲି ସଦସ୍ୟମାନେ ମତ ରଖିଥିଲେ। ଅଧ୍ୟକ୍ଷ ମିଶ୍ର ସଂସ୍କୃତ, ସଂସ୍କୃତି ଓ ସଂସ୍କାର ସମ୍ପର୍କରେ ଆଲୋକପାତ କରିଥିଲେ। ସଦସ୍ୟ ମଳୟ ରଞ୍ଜନ ଜେନା, ଟିକେଲାଲ ବାରିକ, ନାରାୟଣ ସୁନା, ପ୍ରବିଣା ଦାଶ, ଚୁଲବତୀ ବୁଢେକ, ଫକୀରମୋହନ ସାହା ପ୍ରମୁଖ ସଂକଳ୍ପ ନେଇଥିଲେ। ଶେଷରେ ଅଧ୍ୟାପିକା ମନ୍ଦାକିନୀ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଞ୍ଜେଇ, ବାଇକ ଜବତ : ୩ ଗିରଫ

**ସୋନପୁର,୨୨।୮(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ଅବକାରୀ ବିଭାଗ ପକ୍ଷରୁ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ସୋନପୁର ଥାନା ଝିଙ୍କି ଛକ ନିକଟରେ ମଙ୍ଗଳବାର ଚଢାଉ ହୋଇଥିଲା। ଏକ ବଜାଜ୍ ପଲସର ବାଇକ୍ (ନଂ ଓଡି୧୫ଡବ୍ଲ୍ୟୁ-୩୧୬୯)ରେ ୩ ଜଣ ବେଆଇନ ଭାବେ ସମ୍ବଲପୁର ଜିଲାର ବୁର୍ଲାକୁ ଗଞ୍ଜେଇ ଚୋରାଚାଲାଣ କରୁଥିଲେ। ଏହି ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ସମ୍ବଲପୁର ଜିଲା ବୁର୍ଲା ବିଷ୍ଣୁ ମନ୍ଦିର ପଡାର ମହମ୍ମଦ ସୁଲେମାନ(୩୨), ମହମ୍ମଦ ମୋବିନ(୨୮) ଓ ବୁର୍ଲା ମାର୍କେଟ୍‌ର ଟିଙ୍କୁ ଭୋସାଗର(୩୦)ଙ୍କୁ ଗିରଫ କରାଯାଇଛି। ତନଖି ସମୟରେ ସେମାନଙ୍କ ନିକଟରୁ ୨ କିଲୋ ଗଞ୍ଜେଇ ମିଳିଛି। ବିଭାଗ ପକ୍ଷରୁ ବାଇକ୍ ଓ ଗଞ୍ଜେଇ ଜବତ ହୋଇଛି। ଏ ସମ୍ପର୍କରେ ଅବକାରୀ ବିଭାଗର ସୋନପୁର ରେଞ୍ଜ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଅବକାରୀ ଇନ୍ସପେକ୍ଟର ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ଚଢାଉ ହୋଇଥିଲା।

## ଲଖମରାରେ ସ୍ୱାସ୍ଥ୍ୟ ଶିବିର

**ବରଗଡ଼,୨୨।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଲଖମରା ଗ୍ରାମରେ ବରଗଡ଼ର ମୁରଲିକ୍ରୀଷ୍ଣା ଫାଉଣ୍ଡେଶନ, ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଏବଂ ସ୍ଥାନୀୟ ସାଧନା ପୋଲି କ୍ଲିନିକ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ଚେୟାରମ୍ୟାନ ଡି. ମୁରଲି କ୍ରୀଷ୍ଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିର୍ମିତ ସାଧନା ପୋଲି କ୍ଲିନିକ ଏବଂ ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କ୍ଲିନିକର ଡା. ସୁଦୀପ୍ତ କୁମାର ସାହୁ ଏବଂ ମୁକ୍ତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ସିଇଓ ଡା. ରବି କୁମାର, ଡା. ତପନ ସିଂ, ଡା. ସୁଶାନ୍ତ ମେହେର, ଡା. ସୌଭିକ ଦାସୁକିଲ୍, ଡା. ଶିବାଙ୍ଗୀ ବର୍ମା ପ୍ରମୁଖ ଉପସ୍ଥିତ ରହି ୭୫୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଔଷଧ ପ୍ରଦାନ କରିଥିଲେ। ସବ୍ୟସାଚୀ ରାୟ, ଡା. ଅଜିତ କୁମାର ବାରିକ, ସୁଶାନ୍ତ ପ୍ରଧାନ, ଦେବବ୍ରତ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।



ମୁଖ୍ୟ ଅତିଥି ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଔଷଧ ପ୍ରଦାନ କରୁଛନ୍ତି।

## ୧୨ ଦଫା ଦାବି କଲା ସରପଞ୍ଚ ସଂଘ

**ବରଗଡ଼,୨୨।୮(ପ୍ରେମାନନ୍ଦ ଖମାରୀ)**




ଜିଲାପାଳଙ୍କୁ ଫେରାଦ ହୋଇଥିବା ସରପଞ୍ଚ ସଂଘର ପ୍ରତିନିଧିବୃନ୍ଦ।

ସରପଞ୍ଚଙ୍କ ପ୍ରତି ରାଜ୍ୟ ସରକାର ଅଣଦେଖା ମନୋଭାବ ପୋଷଣ କରୁଛନ୍ତି। ଏଭଳି ଅଭିଯୋଗ କରି ମଙ୍ଗଳବାର ବରଗଡ଼ ଜିଲା ସରପଞ୍ଚ ସଂଘ ଜିଲାପାଳଙ୍କୁ ଫେରାଦ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସଂଘ ପକ୍ଷରୁ ୧୨ ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ପଞ୍ଚାୟତର ସୁପରିଚାଳନା ପାଇଁ ପ୍ରତି ଗ୍ରାମପଞ୍ଚାୟତରେ ଜଣେ ଲେଖାଏ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ନିଯୁକ୍ତି, ଗ୍ରାମୀଣ ପାନୀୟଜଳ ଯୋଗାଣ ବ୍ୟବସ୍ଥାରେ ନଳକୂପ ଖନନ, ମରାମତି ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ବ୍ଲକ ବଦଳରେ ପଞ୍ଚାୟତକୁ ପ୍ରଦାନ, ସରପଞ୍ଚଙ୍କ ତତ୍ତ୍ୱାବଧାନରେ ସାଧାରଣ ବଣ୍ଟନ ବ୍ୟବସ୍ଥା ପରିଚାଳନା ନିର୍ଦ୍ଦେଶ ଦେବାକୁ ଦାବି ହୋଇଛି। ସେହିପରି ସିଏଫ୍‌ସି, ଏସ୍‌ଏଫ୍‌ସି ଅନୁଦାନ ପାଣ୍ଠି ବୃଦ୍ଧି, ରାଜସ୍ୱ ଗ୍ରାମରେ ରହିଥିବା ସରକାରୀ ଜମି ଚିହ୍ନଟ କରି ପଞ୍ଚାୟତକୁ ପ୍ରଦାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେଉଥିବା କାମ ଠିକ୍ ଭାବେ କରାଯିବା, ସାଂସଦ, ବିଧାୟକ ଅନୁଦାନ ପାଣ୍ଠି ଭଳି ସରପଞ୍ଚ ଅନୁଦାନ ପାଣ୍ଠି ସୃଷ୍ଟି, ପ୍ରତ୍ୟେକ ସରପଞ୍ଚଙ୍କୁ ଅତିକମ୍‌ରେ ୨୦ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ, ପ୍ରତି ସରପଞ୍ଚଙ୍କୁ ବାର୍ଷିକ ୨୦ ଆବାସ ଯୋଜନା ଗୃହ ବଣ୍ଟନର କ୍ଷମତା ଦେବାକୁ ମଧ୍ୟ ସଂଘ ଦାବି କରିଛି। ଏହାସହିତ କାର୍ଯ୍ୟକାଳ ମଧ୍ୟରେ ସରପଞ୍ଚଙ୍କ ମୃତ୍ୟୁ ହେଲେ ୨୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ, ସରପଞ୍ଚଙ୍କ ମାସିକ ଭତ୍ତାକୁ ୨୩୫୦ଟଙ୍କାରୁ ୨୦ହଜାର ଟଙ୍କାକୁ ବୃଦ୍ଧି, ଅବସରକାଳୀନ ଭତ୍ତା ପ୍ରଦାନ, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସରପଞ୍ଚଙ୍କ ଉପସ୍ଥିତିରେ ପ୍ରକଳ୍ପ ଚୟନ କରିବା ପାଇଁ ସରପଞ୍ଚ ସଂଘ ଦାବି କରିଛି। ସଂଘର ସଭାପତି ଗୋବିନ୍ଦ ପ୍ରଧାନଙ୍କ ନେତୃତ୍ୱରେ ସରପଞ୍ଚମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ।

## ଆଜି କ'ଣ କେଉଁଠି

ରାଉରକେଲା

- ରଘୁନାଥପାଲି ବିଧାୟକଙ୍କ ଖବରଦାତା ସମ୍ମିଳନୀ, ସେକ୍ଟର-୨, ଶାହାନାଇ ମଣ୍ଡପ, ପୂର୍ବାହ୍ନ ୧୧ଟା।
- କଂଗ୍ରେସ ପକ୍ଷରୁ ପ୍ରତିବାଦ, ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ, ପୂର୍ବାହ୍ନ ସାଢେ ୧୦ଟା।

## ସଂକ୍ଷେପରେ

### ଅଜଣା ମୃତଦେହ ଜବତ

ରାଉରକେଲା,୨୨।୮(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ବନ୍ଧମୁଣ୍ଡା ଥାନା ପୋଲିସ ସନ୍ତୋଷପୁର ପୋଗ୍ରା ବାହାଲ ବାଲଡି ପାହାଡ ଉଦ୍ୟାନ ମଧ୍ୟରୁ ଏକ ଅଜଣା ମୃତଦେହକୁ ଜବତ କରିଛି। ଜବତ ହୋଇଥିବା ମୃତଦେହ ଜଣେ ଯୁବକଙ୍କର ଏବଂ ବୟସ ପ୍ରାୟ ୨୫ବର୍ଷ ହେବ ବୋଲି ପୋଲିସ କହିଛି। ମୃତଦେହକୁ ଆର୍‌ଜିଏଚ୍ ମର୍ଗ ହାଉସରେ ରଖାଯାଇଛି।

### ଚୋରି ଅଭିଯୁକ୍ତ ଗିରଫ

ରାଉରକେଲା,୨୨।୮(ବିପ୍ଳବ ରଞ୍ଜନ ଦାଶ): ଟାଙ୍ଗରପାଲି ଥାନା ବ୍ରିଟାନିଆ କଲୋନୀ ଅଙ୍ଗନୱାଡି କେନ୍ଦ୍ରରୁ ଗ୍ୟାସ ସିଲିଣ୍ଡର, ଅଣ୍ଡା ଓ ଟ୍ରେ ଆଦି ଜିନିଷ ଚୋରି କରିଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିକାଶ କାଲୋ। ଏ ନେଇ ପୋଲିସ ଏକ ମାମଲା (ନଂ.୧୨୩/୨୩) ରୁଜୁ କରିଛି।

### ଜଳିଗଲା କାର୍



ରାଉରକେଲା,୨୨।୮(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ସେକ୍ଟର-୨୦ କ୍ଲବ ଛକରୁ ସେକ୍ଟର-୨ ସି ବ୍ଲକକୁ ଯାଉଥିବା ବେଳେ ପାଣି ଟାଙ୍କି ପାଚେରି କଡରେ ଏକ କାରରେ ହଠାତ ନିଆଁ ଲାଗି ଯାଇଥିଲା। ଦେଖୁ ଦେଖୁ ଉକ୍ତ କାରଟି ହୁ ହୁ ହୋଇ ଜଳି ଯାଇଥିଲା। ଖବର ପାଇ ଆର୍‌ଏସ୍‌ପି ଅଗ୍ନିଶମ ବାହିନୀ ଦୁର୍ଘଟଣାସ୍ଥଳକୁ ଆସି ନିଆଁ ଆୟତ୍ତ କରିଥିଲେ। ଜଳି ଯାଇଥିବା ଗାଡି ନମ୍ବର ହେଉଛି ସିଜି୦୭ଏମଏ/୮୬୩୨। ତେବେ ଏହି ଦୁର୍ଘଟଣାରେ ଜୀବନ ହାନି ହୋଇ ନ ଥିବା ସୂଚନା ମିଳିଛି। ଜଳି ଯାଇଥିବା କାର୍ ମାଲିକ ହେଉଛନ୍ତି କୋଏଲ ନଗର ବାସିନ୍ଦା ଅଭିଷେକ ରାୟ ଏବଂ ସେ ଆର୍‌ଏସ୍‌ପି ଅଗ୍ନିଶମ ବିଭାଗ କର୍ମଚାରୀ ଅଟନ୍ତି। ଏସିରେ ଶର୍ଟ ସର୍କିଟ ଯୋଗୁ ଏହି ଦୁଘଟଣା ଘଟିଥିବା ଜଣାପଡିଛି।

### ୨୯ରୁ ଓପନ ସ୍କୁଲ ଟୁର୍ନାମେଣ୍ଟ

ରାଉରକେଲା,୨୨।୮(ବିପ୍ଳବ ରଞ୍ଜନ ଦାଶ): ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଆର୍‌ଏସ୍‌ପି ଅଞ୍ଚଳର ବାଳିକା ବାଳକମାନଙ୍କୁ ନେଇ ଆସନ୍ତା ୨୯ତାରିଖରୁ ଓପନ ସ୍କୁଲ ଟୁର୍ନାମେଣ୍ଟ-୨୦୨୩ ଆୟୋଜିତ ହେବ। ଏହା ସେପ୍ଟେମ୍ବର ୭ତାରିଖ ପର୍ଯ୍ୟନ୍ତ ଚାଲିବ। ଆୟୋଜକ ଆର୍‌ଏସ୍‌ପି ପକ୍ଷରୁ ,ହବାକୁ ଥିବା ଟୁର୍ନାମେଣ୍ଟରେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯିବ। ଏଥିରେ ରାଉରକେଲା ଓ ଏହାର ଆଖପାଖ ଆଗ୍ରହୀ ବିଦ୍ୟାଳୟ ଏବଂ ଯୁକ୍ତ୨ କଲେଜଗୁଡିକୁ ଭାଗନେବାକୁ ଆମନ୍ତ୍ରଣ କରାଯାଇଛି। ଏଥିରେ ୩ଟି ଗ୍ରୁପ୍ ରହିବ। ସେଗୁଡିକ ହେଲା ୧୦ମ ଶ୍ରେଣୀ(ବାଳକ) ଗ୍ରୁପ୍-୧, ଦ୍ୱାଦଶ ଶ୍ରେଣୀ(ବାଳକ) ଗ୍ରୁପ୍-୨ ଓ ଦ୍ୱାଦଶ ଶ୍ରେଣୀ (ବାଳିକା) ଗ୍ରୁପ୍-୩। ଟୁର୍ନାମେଣ୍ଟରେ ୧୫ଜଣିଆ ଖେଳାଳିଙ୍କ ସହ ଜଣେ କୋଚ୍ କମ୍ ମ୍ୟାନେଜରଙ୍କ ତାଲିକା, ବିଦ୍ୟାଳୟ ପ୍ରିନ୍ସପାଲ କିମ୍ବା ପ୍ରଧାନଶିକ୍ଷକଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଆବଶ୍ୟକ। ଆଧାର କାର୍ଡର କପି ସହିତ ଆବଦ୍ଧ ଫର୍ମାଟରେ ଆସନ୍ତା ୨୬ ତାରିଖ ଅପରାହ୍ନ ୩ଟା ୩୦ମିନିଟ୍ ଭିତରେ ଦାଖଲ କରିବାକୁ କୁହାଯାଇଛି। ଏହି ଟୁର୍ନାମେଣ୍ଟ ଇସ୍ପାତ ଷ୍ଟାଡିୟମ ସେକ୍ଟର-୬ରେ ନକ୍‌ଆଉଟ ଆଧାରରେ ଖେଳାଯିବ ବୋଲି ସୂଚନା ଦିଆଯାଇଛି।



ସ୍ୱାଭାବିକ ବର୍ଷା ହେବା ପରେ ରାଉରକେଲା କୁଆଁରମୁଣ୍ଡା ଅଞ୍ଚଳରେ କୃଷି ଶ୍ରମିକମାନେ ଜମିରେ ଧାନ ପଛାରୁଆ କାମ କରୁଛନ୍ତି। (ଫଟୋ: ବିପ୍ଳବ)

## ୨୯ ଯାଏ ୩ ଟ୍ରେନ୍ ଚଳାଚଳ ବନ୍ଦ

ରାଉରକେଲା,୨୨।୮(ବିପ୍ଳବ ରଞ୍ଜନ ଦାଶ)

ସମ୍ବଲପୁରରେ ରେଲୱେ କାମ ଚାଲିଥିବାରୁ ଗତ ୧୯ ତାରିଖଠାରୁ ଆସନ୍ତା ୨୯ ତାରିଖ ଯାଏ ୩ଟି ଟ୍ରେନ ଚଳାଚଳ ବନ୍ଦ ରହିଛି। ଏହି ଟ୍ରେନ ମଧ୍ୟରେ ପୁରୀ ଇଣ୍ଟରସିଟି (ରାଉରକେଲା-ପୁରୀ), ରାଜାରାଣୀ (ରାଉରକେଲା-ଟାଟା) ଏବଂ ଜାମ୍ମୁତାବି (ରାଉରକେଲା-ସମ୍ବଲପୁର-ବନାରସ) ରହିଛି। ଫଳରେ ରାଉରକେଲାରୁ ସମ୍ବଲପୁର ଓ ଝାରସୁଗୁଡାକୁ ଯାତ୍ରୀମାନେ ଯିବାଆସିବାରେ ଅସୁବିଧା ହେଉଛି। ଏ ନେଇ ରାଉରକେଲା ରେଳ ଷ୍ଟେଶନ ପରିଚାଳକ ପ୍ରଭାସ ଦାସଙ୍କୁ ପଚାରିବାରୁ ସମ୍ବଲପୁର ସହରରେ ରେଳ ବିଭାଗର ମେଜର କାମ ଚାଲିଥିବା ଯୋଗୁ ଗତ ୧୯ ତାରିଖରୁ ଉକ୍ତ ୩ଟି ଟ୍ରେନ ଚଳାଚଳ ବନ୍ଦ ରହିଛି ବୋଲି କହିଥିଲେ।

# ଟ୍ରାଫିକ୍ ବ୍ୟବସ୍ଥା ବେଲଗାମ

ରାଉରକେଲା,୨୨।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହର ଏସ୍‌ଟିଆଇ ଓଭରବ୍ରିଜ୍ ତଳ ରାସ୍ତାରେ ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରୁଥିବାରୁ ଦିନ ତମାମ ଅସମ୍ଭାଳ ଭିଡ ଜମୁଛି। ଫଳରେ ଅନେକ ସମୟରେ ଏଠାରେ ଟ୍ରାଫିକ ଜାମ୍ ହେଉଛି। ରାସ୍ତାର ଡିଭାଇଡର ପିଣ୍ଡିରେ ଠେଲା ଦୋକାନୀଙ୍କ ଯୋଗୁ ଏଭଳି ପରିସ୍ଥିତି ଉପୁଜୁଛି ବୋଲି କୁହାଯାଉଛି। ରାସ୍ତା ପାର୍ଶ୍ୱରେ ଥିବା ଦୋକାନୀ ମଧ୍ୟ ଚଲାପଥ ଡିଭାଇଡରରେ ଦୋକାନ ସାମଗ୍ରୀ ରଖୁଥିବାରୁ ଯାତ୍ରୀମାନେ ମୋ ବସ, ଲୋକାଲ ବସ ଧରିବା ପାଇଁ ଛିଡା ହେବାକୁ ସ୍ଥାନ ନ ପାଇ ବାଧହୋଇ ଓଭରବ୍ରିଜ୍ ତଳ ରାସ୍ତାରେ ଛିଡା ହେଉଛନ୍ତି।

ଏସ୍‌ଟିଆଇ ରାଉରକେଲା ସହରର ଏକ ପ୍ରମୁଖ ଜନଗହଳିପୂର୍ଣ୍ଣ ଛକ। ବିଭିନ୍ନ ସ୍ଥାନରୁ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ବସ୍‌ରେ ଆସି ଏଠାରେ ଓହ୍ଲାଇ ରାଉରକେଲା ସରକାରୀ ଡାକ୍ତରଖାନାକୁ ଯାଇଥାନ୍ତି। ଏଫ୍‌ସିଆଇ, ଲେବର ଟେନାମେଣ୍ଟ ଓ ଗଙ୍ଗାଧରପାଲି ବସ୍ତି ଅଞ୍ଚଳର ଶହ ଶହ ଛାତ୍ରୀଛାତ୍ର ଏହି ଛକରେ ବସରୁ ଓହ୍ଲାଇ କଲେଜକୁ ଯାଆସ କରିଥାନ୍ତି। ଏଣୁ ଅଧିକାଂଶ ସମୟରେ ଏସ୍‌ଟିଆଇ ଓଭରବ୍ରିଜ ତଳ ରାସ୍ତା ଜନଗହଳି ଲାଗି ରହୁଛି। ଅନେକ ସମୟରେ ଟ୍ରାଫିକ୍ ଜାମ୍ ଯୋଗୁ ବହୁ ସମୟ ପର୍ଯ୍ୟନ୍ତ ଦୁଇଚକିଆ, ଚାରିଚକିଆ ଯାନାବାହନଗୁଡିକୁ ଘଣ୍ଟା ଘଣ୍ଟା ଧରି



ଏସ୍‌ଟିଆଇ ଛକରେ ଟ୍ରାଫିକ ଜାମ୍ ଯୋଗୁ ଯାନବାହନ ଅଟକି ରହିଛି।



ଯାତାୟାତ ପିଣ୍ଡିରେ ଫଳ ଓ ମାଛ ଦୋକାନ ଖୋଲାଯାଇଛି।

**ଏସ୍‌ଟିଆଇ ଓଭରବ୍ରିଜ**

ଛିଡା ହେବାକୁ ପଡିଥାଏ। ଏହି ରାସ୍ତା ବୁଲାଣି ଦେଇ ଲୋକମାନେ ହାଇଟେକ ମେଡିକାଲ ଓ ହନୁମାନ ବାଟିକାକୁ ଯାଇଥାନ୍ତି। ତେଣୁ ଓଭରବ୍ରିଜ ନିକଟସ୍ଥ ବେଆଇନ ଦୋକାନ, ଠେଲାଗୁଡିକ ହଟାଯିବା ସହିତ ଡିଭାଇଡରରେ ଦୋକାନ ସାମଗ୍ରୀ ରଖିବା ନିଷେଧ କଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ସ୍ଥାନୀୟ ଅଞ୍ଚଳର ଅମର ଆଚାର୍ଯ୍ୟ, ମହେଶ୍ୱର ମହାପାତ୍ର, ଜଗବନ୍ଧୁ ଜେନା ଏବଂ ଦିଲୀପ ଜେନା ପ୍ରମୁଖ କହିଛନ୍ତି। ଏ ନେଇ ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ତୁରନ୍ତ ଏସ୍‌ଟିଆଇ ଓଭରବ୍ରିଜ ତଳ ରାସ୍ତାକୁ ଟ୍ରାଫିକ ଜାମ ମୁକ୍ତ କରାଯିବ। ଏଥିସହିତ ରାସ୍ତାପାର୍ଶ୍ୱସ୍ଥ ଡିଭାଇଡର ବା ଚଳାଚଳ ପିଣ୍ଡିରେ ବସିଥିବା ଠେଲା ଓ ଦୋକାନୀଙ୍କ ସାମଗ୍ରୀ ମଧ୍ୟ ହଟାଯିବ ବୋଲି ମହାପାତ୍ର କହିଥିଲେ।

## ମୋ ମାଟି ମୋ ଦେଶ ଅଭିଯାନ କାର୍ଯ୍ୟକ୍ରମ



ଆର୍‌ଏସ୍‌ପି ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରୁଛନ୍ତି।

ରାଉରକେଲା,୨୨।୮(ବିପ୍ଳବ ରଞ୍ଜନ ଦାଶ)

ସେକ୍ଟର-୨୧ ଆଜାଦୀ ପାର୍କରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପିର କାର୍ମିକ ଏବଂ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ମିକ ଓ ପ୍ରଶାସନ ବିଭାଗ ସିଜିଏମ ବି. କୁଲୁ, ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗ ସିଜିଏମ୍ ପି. କେ. ସ୍ୱାଇଁ ତଥା ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପଞ୍ଚପ୍ରାଣ ଶପଥପାଠ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅତିଥିମାନେ ଆଜାଦୀ ଉଦ୍ୟାନ ପରିସରରେ ବିକଶିତ ଅମୃତ ବାଟିକା ଉଦ୍ୟାନରେ ବଉଳ ଚାରା ରୋପଣ କରିଥିଲେ। ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗର ମହାପ୍ରବନ୍ଧକ ଏବଂ ସୂଚନା ମୁଖ୍ୟ ସୁଶ୍ରୀ ଅର୍ଚ୍ଚନା ଶତପଥି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଆର୍‌ଏସ୍‌ପିର ବିଶିଷ୍ଟ କ୍ରୀଡ଼ା ପ୍ରତିଭା ସମ୍ବର୍ଦ୍ଧିତ

ରାଉରକେଲା,୨୨।୮(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ୧୭ଜଣ ବିଶିଷ୍ଟ କ୍ରୀଡ଼ାବିତ୍‌ଙ୍କୁ କ୍ରୀଡ଼ା ପୁରସ୍କାର ସମ୍ମାନ ମିଳିଛି । ଆର୍‌ଏସ୍‌ପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଶ୍ରେଷ୍ଠ ପ୍ରଶିକ୍ଷକ ତଥା ବିଶିଷ୍ଟ ସାଇକେଲ ଚାଳକ, ପାୱାର ଲିଫ୍ଟ ଏବଂ ହକି କ୍ୟାଡେଟମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏସୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍-୨୦୨୨ରେ ବ୍ରୋଞ୍ଜ ପଦକ ବିଜେତା ତଥା ଚୀନରେ ହେବାକୁ ଥିବା ଏସିଆନ ଗେମ୍ସରେ ଭାରତୀୟ ଦଳରେ ମନୋନିତ ହୋଇଥିବା ସ୍ୱସ୍ତି ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛତିଶଗଡରେ ଆୟୋଜିତ ହୋଇଥିବା ଜାତୀୟ ବେଞ୍ଚ ପ୍ରେସ ପାୱାରଲିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ବିଜୟ କୁମାର ରାଉତଙ୍କୁ ପୁରସ୍କାର ରାଶି ଏବଂ ପ୍ରଶସ୍ତିପତ୍ର ପ୍ରଦାନ କରାଗଲା। ସେହିପରି କେରଳରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର ଏବଂ ଜୁନିୟର ପୁରୁଷର କ୍ଲାସିକ ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍‌ରେ ବିଜୟୀ ପ୍ରିୟବ୍ରତ ବିଶୋୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବିଶିଷ୍ଟ କ୍ରୀଡ଼ା ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି।

ଦ୍ୱିତୀୟ ହକି ଇଣ୍ଡିଆ ଜୁନିୟର ପୁରୁଷ ଏକାଡେମୀ ଜାତୀୟ ଚାମ୍ପିୟନଶିପ୍ ୨୦୨୨ରେ ରନର୍ସ ଅପ୍ ଆଖ୍ୟା ଲାଭ ପାଇଁ ତରୁଣ ଯାଦବ, ନୀତେଶ, ସୋନୁ ନିଶାଦ, ରବି ବାରା, ରାଜ କୁମାର ମିଞ୍ଜ, ମୁକେଶ ଟେଟେ, ଆକାଶ, ମେଜରାସ କୁଜୁର, ଅନମୋଲ ଏକ୍କା, ରାକେଶ, ୟେଙ୍ଗଖମ ସାମସନ ସିଂ ଏବଂ କିରୋବିନ ଲାକ୍ରାଙ୍କୁ ନେଇ ଗଠିତ ସେଲ୍ ହକି ଏକାଡେମୀ ଦଳକୁ ପୁରସ୍କୃତ କରାଯାଇଥିଲା। ସେଲ୍ ହକି ଏକାଡେମୀ ଦଳର କୋଚିଂ ପାଇଁ ରାଜୁ କାନ୍ତ ସାଇନିଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପାୱାର ଲିଫ୍ଟ ପ୍ରଶିକ୍ଷକ ବିକ୍ରମ କୁମାର ସ୍ୱାଇଁଙ୍କୁ କାରଖାନା ପାଇଁ ପୁରସ୍କାର ଆଣିବାରେ ସାହାଯ୍ୟ କରିଥିବାରୁ ସମ୍ମାନିତ କରାଯାଇଥିଲା।

## ପ୍ରଶାନ୍ତ ସେଠୀଙ୍କ ସେକ୍ଟର-୧୫ ଅଞ୍ଚଳ ପରିଦର୍ଶନ

ରାଉରକେଲା,୨୨।୮ (ବିପ୍ଳବ ରଞ୍ଜନ ଦାଶ)

ରଘୁନାଥପାଲି ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ଜନନୀ ସମ୍ପର୍କ ଅଭିଯାନ ଆରମ୍ଭ କରିଛନ୍ତି। ଏହି କ୍ରମରେ ସେ ମଙ୍ଗଳବାର ରାଉରକେଲା ସେକ୍ଟର-୧୫ ବି ବ୍ଲକ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ମା' ଭଉଣୀଙ୍କ ସହିତ ବସି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ମା'ଭଉଣୀମାନେ ଅଞ୍ଚଳର ସମସ୍ୟା ସହିତ ସାମାଜିକ ଏବଂ ବ୍ୟକ୍ତିଗତ ସମସ୍ୟା ଉପରେ ସେଠୀଙ୍କୁ ଅବଗତ କରାଇଥିଲେ। ସେମାନଙ୍କ ସମସ୍ୟାଗୁଡିକୁ ସରକାରୀ ସ୍ତରରେ ଏବଂ ମା'ଭଉଣୀମାନଙ୍କ ମାଧ୍ୟମରେ ସମାଧାନ କରିବେ ବୋଲି ସେଠୀ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ଉପସ୍ଥିତ ମା'ଭଉଣୀମାନଙ୍କୁ ସେ ଅବଗତ କରାଇଥିଲେ।

## ଉର୍ଦ୍ଦୁ ସ୍କୁଲରେ ରକ୍ତ ପରୀକ୍ଷା ଶିବିର




ଶିବିରରେ ପିଲାଙ୍କ ରକ୍ତ ପରୀକ୍ଷା କରାଯାଉଛି।

ରାଉରକେଲା,୨୨।୮(ବିପ୍ଳବ ରଞ୍ଜନ ଦାଶ)

ଲାୟନ୍ସ କ୍ଲବ ପକ୍ଷରୁ ରାଉରକେଲା ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ରକ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବର ଉପସଭାପତି ମହମ୍ମଦ ଖାଲିଜଙ୍କ ଆବାହକତ୍ୱରେ ଆୟୋଜିତ ଶିବିରରେ ସରକାରୀ ଉର୍ଦ୍ଦୁ ଉପ୍ରା ସ୍କଲ, ହସନପୁର ଉର୍ଦ୍ଦୁ ସରକାରୀ ହାଇସ୍କୁଲ, ପ୍ଲାଣ୍ଟସାଇଡ ଆଚାର୍ଯ୍ୟ ହରିହର ସରକାରୀ ଓଡିଆ ସ୍କୁଲର ୧ମରୁ ୮ମ ଶ୍ରେଣୀ ଯାଏ ୪ଶହରୁ ଉର୍ଦ୍ଧ୍ୱ ପିଲାଙ୍କ ରକ୍ତ ପରୀକ୍ଷା ହୋଇଥିଲା। ଶିବିରରେ ରାଉରକେଲା ସରକାରୀ ହସ୍ପିଟାଲ ବ୍ଲଡ ବ୍ୟାଙ୍କ କର୍ମଚାରୀ ପିଲାଙ୍କ ରକ୍ତ ପରୀକ୍ଷା କରିଥିଲେ। ଉର୍ଦ୍ଦୁ ୟୁପି ସ୍କୁଲର ଇନଚାର୍ଜ ପ୍ରିନ୍ସପାଲ ଅପତାବ ସକିଲ, ଆଫ୍ରୋଜ ଅହମ୍ମଦ ନିୟାଜୁ, ଲାୟନ୍ସ କ୍ଲବର ବଳରାମ ଚୌଧୁରୀ, ସାହିସୁଧା ପାତ୍ର ଓ ସଂଗ୍ରାମ କିଶୋର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ପିଲାଙ୍କ ରକ୍ତ ପରୀକ୍ଷା କରାଯାଉଛି।

## ପ୍ରଫେସରଙ୍କ ବିୟୋଗରେ ଶୋକସଭା

ରାଉରକେଲା,୨୨।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଜେ. କେ. ରାଓଙ୍କ ବିୟୋଗରେ ଅବସରପ୍ରାପ୍ତ ବେସରକାରୀ କଲେଜ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ଗୋପବନ୍ଧୁ ପାଠାଗାରରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଶଙ୍କର ପ୍ରସାଦ ତ୍ରିପାଠୀ ଅଧ୍ୟକ୍ଷତା କରି ସ୍ୱର୍ଗତ ରାଓଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ରାଓ ବେଦବ୍ୟାସ ମହାବିଦ୍ୟାଳୟ, ଗାନ୍ଧୀ ମହାବିଦ୍ୟାଳୟ ଓ ମ୍ୟୁନିସିପାଲ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରି ଜଣେ ଦକ୍ଷ ପ୍ରଶାସକ ଭାବେ ନିଜକୁ ପ୍ରତିଷ୍ଠିତ କରାଇ ପାରିଥିଲେ ବୋଲି ଡ. ପ୍ରଭାକର ରାଉତ, ଆଦିତ୍ୟ ପ୍ରସାଦ ମହାନ୍ତି, ଗୋଲକ ବିହାରୀ ଦଳବେହେରା ଓ ଅଳୀ ହୋତା ପ୍ରମୁଖ ମତବ୍ୟକ୍ତ କରିଥିଲେ। ଶେଷରେ ଆବାହକ ଅଭୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଶୋକସଭାରେ ଉପସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ।

## ବ୍ୟାଙ୍କ ଭିତରୁ ମୋବାଇଲ ଚୋରି

ରାଉରକେଲା,୨୨।୮(ଦିନେଶ ମିଶ୍ର)

ଉଦିତନଗର ଥାନା ଅନ୍ତର୍ଗତ ୟୁନିୟନ ବ୍ୟାଙ୍କ ଭିତରୁ ଜଣେ କର୍ମଚାରୀଙ୍କ ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୬୬।୨୩) ରୁଜୁ କରି ବ୍ୟାଙ୍କର ସିସିଟିଭିକୁ ଯାଞ୍ଚ କରିଛି। ସୂଚନାଯୋଗ୍ୟ, ୟୁନିୟନ ବ୍ୟାଙ୍କରେ ରଞ୍ଜିତା ଡୁଙ୍ଗଡୁଙ୍ଗ(୨୪) କ୍ଲର୍କ ଭାବେ କାମ କରନ୍ତି। ସୋମବାର ଅପରାହ୍ନ ସାଢେ ୨ଟାରେ ସେ ବ୍ୟାଙ୍କରେ କାମ କରୁଥିବାବେଳେ ୩ ଦୁର୍ବୃତ୍ତ ବ୍ୟାଙ୍କ ଭିତରେ ପଶିଥିଲେ। ପରେ କୌଶଳ କ୍ରମେ ତାଙ୍କ ମୋବାଇଲ ଫୋନକୁ ଚୋରି କରି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ସମାଜ କଲ୍ୟାଣ ହିଁ ପ୍ରକୃତ ମାନବିକତା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା,୨୨।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମାନବିକତା ପରିବାର ତରଫରୁ ଭଞ୍ଜ ଭବନ ଲାବଣ୍ୟବତୀ ହଲରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସଙ୍ଗଠନର ଅଧ୍ୟକ୍ଷ ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ସଦାନନ୍ଦ ମହାପାତ୍ର, ଡାକ୍ତର ଅକ୍ଷୟ ସାମଲ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ସୁମନ ଦତ୍ତ ସ୍ୱତନ୍ତ୍ର ଆମନ୍ତ୍ରିତ ଅତିଥି, ଅବସରପ୍ରାପ୍ତ ଅଧ୍ୟାପକ ତଥା ଐତିହାସିକ ପ୍ରଭାତ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମଣିଷ ଜନ୍ମ ଶ୍ରେଷ୍ଠ ଜନ୍ମ। ଜୀବଜଗତରେ ମଣିଷ ପାଖରେ ବୁଦ୍ଧି ଓ ବିବେକ ଥିବା ହେତୁ ମଣିଷକୁ ଶ୍ରେଷ୍ଠ ଜୀବ ଆଖ୍ୟା ଦିଆଯାଇଛି। ଭଲ ମନ୍ଦ ଓ ଭୁଲ୍ ଠିକ୍ ବିଚାର ଶକ୍ତି ମଣିଷ ପାଖରେ ରହିଛି। ଏଣୁ ମାନବିକତାର ପରିଚୟ ଦେଇ ସମାଜ କଲ୍ୟାଣରେ ନାଗରିକ ବ୍ରତୀ ହେବା କଥା ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଶିବ କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ସରୋଜ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ନରେନ୍ଦ୍ର ମହାନ୍ତି, ସୀମାଞ୍ଚଳ ଖଣ୍ଡୁଆଳ, ବିଶ୍ୱ ରଞ୍ଜନ ରାଉତ, ସୌମ୍ୟକାନ୍ତ ଦଳ, ତନ୍ମୟ ସେଠୀ, ଦେବବ୍ରତ ନାୟକ, ଚୁନୁ ସିଂ, ଜିତେନ ମାଛଖଣ୍ଡ, ନିଲୁ ସେଠୀ, ଶାନ୍ତନୁ ଦାସ ଓ ମାନବିକତା ପରିବାର ସଦସ୍ୟମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଏମ୍‌ସିଏଲ୍‌କୁ ଗୁଣବତ୍ତା ପୁରସ୍କାର

**ସମ୍ବଲପୁର,୨୨।୮(ବି.ଶଙ୍କର):** ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍)କୁ ଗ୍ରିଣ୍ଟେକ୍ ଫାଉଣ୍ଡେଶନ ପକ୍ଷରୁ ସମ୍ମାନଜନକ ଗୁଣବତ୍ତା ପୁରସ୍କାର ପ୍ରଦାନ କରାଯାଇଛି। ୨୧ ଅଗଷ୍ଟ ୨୦୨୩ରେ ନୂଆଦିଲ୍ଲୀରେ ସ୍ୱତନ୍ତ୍ର ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ଜେନେରାଲ ମ୍ୟାନେଜର (ଗୁଣବତ୍ତା ନିୟନ୍ତ୍ରଣ) ରବିଶେଷ କୁମାର ରାଜୁ ଏମ୍‌ସିଏଲ୍ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। କୋଇଲା ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ ଏବଂ ପ୍ରତିବଦ୍ଧତା ଲାଗି ଏମ୍‌ସିଏଲ୍ କର୍ମଚାରୀଙ୍କୁ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବରୁ ୨୦୨୨-୨୩ରେ କମ୍ପାନୀ ଗୁଣବତ୍ତା ନିଶ୍ଚିତତା ପାଇଁ କୋଇଲା ମନ୍ତ୍ରୀଙ୍କଠାରୁ ପୁରସ୍କାର ପାଇଥିଲା।

### ବରିଷ୍ଠ ନାଗରିକ ଦିବସ

**କୁଚିଣ୍ଡା,୨୨।୮(ବିରଞ୍ଚି ଦର୍କା):** କୁନ୍ତରା ବିପଣନ କେନ୍ଦ୍ର ପରିସରରେ କୁନ୍ତରା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ନାଗରିକ ସଂଘର ସାଧାରଣ ସମ୍ପାଦକ ଲକ୍ଷ୍ମୀ ନାରାୟଣ ମହାପାତ୍ର ପରିଚାଳନା କରିଥିଲେ। ଏଥିରେ କୁନ୍ତରା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୌରୀ ଶଙ୍କର ପଟେଲ, ଅବସରପ୍ରାପ୍ତ ଇଂ. ରମଣୀ କାନ୍ତ ପଟେଲ ପ୍ରମୁଖ ଯୋଗଦେଇ, ବରିଷ୍ଠ ନାଗରିକଙ୍କ ସମସ୍ୟା ଓ ବୃକ୍ଷରୋପଣର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

### ଚାଉଁରପୁର ଉଚ୍ଚବିଦ୍ୟାଳୟରେ ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର,୨୨।୮(ବି.ଶଙ୍କର):** ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଚାଉଁରପୁରସ୍ଥିତ ସୁମତି ବେହେରା ଉଚ୍ଚ ବିଦ୍ୟାଳୟଠାରେ ଦେଶାତ୍ମବୋଧକ ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରତ୍ନାକର ବେହେରା ମଧ୍ୟଇଂରାଜୀ ବିଦ୍ୟାଳୟ ଏବଂ ସୁମତି ବେହେରା ଉଚ୍ଚ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ତ୍ତିକ ପ୍ରସାଦ ବହିଦାରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। କାହ୍ନୁ କେଶବ ବହିଦାର, ତ୍ରିଲୋଚନ ତ୍ରିପାଠୀ, ଏନ୍ ଶ୍ରୀନୁ ଦାଶ ବିଚାରକ ଥିଲେ। ଦେଶାତ୍ମବୋଧକ ଗୀତ ଗାୟନରେ ଲିଲିମା ବାଗ ପ୍ରଥମ, ନୈନା ମହାରଣା ଦ୍ୱିତୀୟ, ସୁମନ ଲାମା ଓ ନିକିତା ଭୋଇ ତୃତୀୟ ସ୍ଥାନ ଅଧିକାର ଥିଲେ। ସେହିପରି ଚିତ୍ରାଙ୍କନରେ ଲିପ୍‌ସା ଦୀପ ପ୍ରଥମ, ଲିଜା ମିର୍ଦ୍ଧା ଓ ଶୁଭମ ମିର୍ଦ୍ଧା ଯୁଗ୍ମ ଦ୍ୱିତୀୟ ଏବଂ ରେଣୁକା ଲୁହା ଓ ରାଜେଶ୍ୱରୀ ପାଇକ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ୨୯ତାରିଖରେ ହେବାକୁ ଥିବା ଉତ୍ସବରେ କୃତୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ ପଲ୍ଲିଶ୍ରୀ କଥା ମୁଖ୍ୟ ସମ୍ପାଦକ ହରି ଶଙ୍କର ମିଶ୍ର ସୂଚିତ କରିଛନ୍ତି।

### ଅଘରିଆ ସମାଜକୁ ଜମି, ଗୃହ ଅର୍ଥ ପ୍ରଦାନ ଦାବି

**ଜମନକିରା,୨୨।୮(ରବୀନ୍ଦ୍ର ଦାନି):** ଅଖିଳ ଭାରତୀୟ ଅଘରିଆ ସମାଜ ବାମଣ୍ଡା ଆଞ୍ଚଳିକ କମିଟିର ଏକ ଜରୁରୀ ବୈଠକ ସଭାପତି ଅଶୋକ କୁମାର ପଟେଲଙ୍କ ସଭାପତିତ୍ୱରେ ଖୁଲେନପୋଲ ନିକଟ ସମଲେଶ୍ୱରୀ ନର୍ସିଂ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାର ଝାରସୁଗୁଡ଼ା ଉପନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ଅଘରିଆ ସମାଜ ପାଇଁ ଘର ଓ ଜମି ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦୀର୍ଘଦିନ ବିତିଯାଇଥିବା ବେଳେ ଏହା କାର୍ଯ୍ୟକାରୀ କରାଯାଇନାହିଁ। ତେଣୁ ଆଜିର ଗୃହୀତ ପ୍ରସ୍ତାବରେ ଝାରସୁଗୁଡ଼ା ବିଧାୟିକା ଦିପାଳୀ ଦାସ ଓ ୫-ଟି ସଚିବ ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଜାଇଛି। ପୂର୍ବରୁ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ମଧ ଦାବିପତ୍ର ଦିଆଯାଇଥିବା ନେଇ ସମାଜ ପକ୍ଷରୁ କୁହାଯାଇଛି। ବୈଠକରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ସୁରେଶ କୁମାର୍ ପଟେଲ, ଉପଦେଷ୍ଟା ଗଙ୍ଗାଧର ନାୟକ, କୋଷାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ନାଏକ, ପ୍ୟାରୀମୋହନ ପଟେଲ, ନରେଶ ଚନ୍ଦ୍ର ପଟେଲ, ବନମାଳୀ ନାୟକ, ଭବାନୀ ଶଙ୍କର ନାୟକ, ନୀଳାଦ୍ରି ବିହାରୀ ପଟେଲ, ସୁଧାକର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୁସୁମୀ ଗୁଡ଼ି ସମ୍ପାଦକ ଭବାନୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଡିସି ଅଫିସରେ କୋଶଳ ସେନାର ନାରାବାଜି

- ନୂଆଖାଇରେ ୩ଦିନ ସରକାରୀ ଛୁଟି ଦାବି
- ଧସେଇ ପଶିବାବେଳେ ପୋଲିସ ସହ ଧସ୍ତାଧସ୍ତି

**ସମ୍ବଲପୁର,୨୨।୮(ଶୁଭାଶିଷ ପାଢ଼ୀ)**

କୃଷିଭିତ୍ତିକ ଗଣପର୍ବ ନୂଆଖାଇରେ ପଶ୍ଚିମଓଡ଼ିଶା ସମେତ ସମସ୍ତ ଜିଲାରେ ୩ ଦିନିଆ ସରକାରୀ ଛୁଟି ଘୋଷଣା ସହ ଅନ୍ୟାନ୍ୟ ଦାବି ନେଇ ମଙ୍ଗଳବାର କୋଶଳ ସେନା ଆନ୍ଦୋଳନକୁ ଓହ୍ଲାଇଥିଲା। ବେକାରୀ ସମସ୍ୟା ଦୂର, କଳକାରଖାନାରେ ୫୦ ପ୍ରତିଶତ ସ୍ଥାନୀୟ ନିଯୁକ୍ତି, ବିସ୍ଥାପିତଙ୍କୁ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ପ୍ରଦାନ, ଚାଷୀମାନଙ୍କ ପାଇଁ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ, ବିଦ୍ୟୁତ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍‌ର ମନମୁଖି ନୀତି ବନ୍ଦ, ସ୍ୱତନ୍ତ୍ର ରାଜ୍ୟ ଘୋଷଣା ଆଦି ଦାବି ନେଇ କୋଶଳ ସେନା କର୍ମକର୍ତ୍ତା ଆର୍‌ଡିସିଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ ପ୍ରଥମେ ଅଇଁଠାପାଲି ଛକରୁ ବିଶାଳ ରାଲିରେ ସହର ପରିକ୍ରମା କରି ଆର୍‌ଡିସି ଅଫିସରେ ପହଞ୍ଚିଥିଲେ।


ଆର୍‌ଡିସି ଅଫିସରେ ପୋଲିସ ସହ କୋଶଳ ସେନା ସଦସ୍ୟଙ୍କ ଧସ୍ତାଧସ୍ତି।

ପୋଲିସ ମୁତୟନ ହେବା ସତ୍ତ୍ୱେ ସେମାନେ ଅଫିସ ଭିତରକୁ ଧସେଇ ପଶିଥିଲେ। ସେଠାରେ ନାରାବାଜି କରିବା ସହ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ପ୍ରାୟ ୩ ଘଣ୍ଟା ଧରି ଅଫିସ ଭିତରେ ଶତାଧିକ ଆନ୍ଦୋଳନକାରୀ ବସିରହିଥିଲେ। ଶେଷରେ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ ସେନାର ଏକ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ନୂଆଖାଇରେ ଦୁଇଦିନ ଛୁଟି ଗତବର୍ଷ ରହିଥିଲା। ୩ଦିନ ଛୁଟି ଘୋଷଣା ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ ବୋଲି ଆର୍‌ଡିସି ଦଳେଇ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବିରବଳ ମହାକୁର, ସୁଶିଳ କୁମାର ଗୁରୁ, ଜ୍ଞାନେନ୍ଦ୍ର ବେହେରା, ଅଜିତ କୁମାର ପତି, ନେତାନନ୍ଦ ସାହୁ, ଅଭିନାଶ ଚନ୍ଦ୍ର ବିଶି, ଅଶୋକ ଛତର, ସିପୁନ ଖମାରୀ, ଅର୍ପଣ ଦାସ ନାଏକ, ଗଣେଶ ମହାକୁର, ଉପଦେଷ୍ଟା ବିରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

## ସ୍ୱଭାବ କବିଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି

**ପଦ୍ମପୁର,୨୨।୮(ପ୍ରଦୀପ୍ତ ଦାଶ)**

ଆଗାମୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ରାଜବୋଡାସମ୍ବର ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡ. ପ୍ରମୋଦ କୁମାର ପାଣି ସଭାପତିତ୍ୱ କରିଥିଲେ। ପରିଷଦର ସମ୍ପାଦକ ଶେଷଦେବ ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ତପୋମହିମାର ପ୍ରକାଶନ, ପ୍ରତିଯୋଗିତା ଆୟୋଜନ, ସଭା କାର୍ଯ୍ୟ ପରିଚାଳନା ଆଦି ବିଷୟରେ ଆଲୋଚନା ହୋଇଥିଲା। ଉପ ସଭାପତି ରୋହିତ ମେହେର, ସନ୍ତୋଷ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସମାଜସେବୀ ନିରୋଜ ଦୋରା, ପ୍ରୀତିରଞ୍ଜନ ପ୍ରଧାନ, ନାଟ୍ୟକାର ଅଶୋକ ବହିଦାର, ସନ୍ତୋଷ ମିଶ୍ର, ସନ୍ତୋଷ ସିଂ ଠାକୁର, ରାମଚନ୍ଦ୍ର ମେହେର, ବିଦ୍ୟାଧର ଦାଶ, କିଶୋର ପାତ୍ର, କୁଞ୍ଜବିହାରୀ ସରାଫ ପ୍ରମୁଖ ଉପସ୍ଥିତ ଥିଲେ। ସହ ସମ୍ପାଦକ ଡ. ଜୟକେତନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣିତ, ଗଣନା ଶିକ୍ଷାକୁ ପ୍ରୋତ୍ସାହନ ଲକ୍ଷ୍ୟ

**ସମ୍ବଲପୁର,୨୨।୮(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ବୁର୍ଲା ଭିସୁଟ୍‌ରେ ଗଣିତ ଓ ଗଣନା ଧାରା ଉପରେ ସାପ୍ତାହିକ ଆନ୍ତର୍ଜାତିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭିସୁଟର ଗଣିତ ଓ ସଙ୍ଗଣକ ବିଭାଗ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମିଳିତ ଉଦ୍ୟମରେ ୫ଦିନ ଧରି କାର୍ଯ୍ୟକ୍ରମ ହୋଇଥିଲା। ଭିସୁଟ୍ କୁଳପତି ଡ଼. ବଂଶୀଧର ମାଝି ଏହାକୁ ଉଦ୍‌ଘାଟନ କରିଥିଲେ। ଆଇଆଇଆଇଟିଡିଏମ ଜବଲପୁର ପ୍ରଫେସର ଅପରାଜିତା ଓଝା ମୁଖ୍ୟଅତିଥି ଓ ଏନ୍‌ଆଇଟି ରାଉରକେଲାର ପ୍ରଫେସର ପଙ୍କଜ ସାହୁ ବକ୍ତା ଭାବେ ଯୋଗ ଦେଇଥିଲେ। ଏନ୍‌ଆଇଟି ରାଉଲକେଲାର ପ୍ରଫେସର ଶିବରାମ ପାଣିଗ୍ରାହୀ, ଆଇଆଇଟି କାନପୁରର ପ୍ରଫେସର ପରାସର ମହାନ୍ତି, କଲିକତା ଆଇଏସ୍‌ଆଇ ପ୍ରଫେସର ବିଶ୍ୱରଞ୍ଜନ ବେହେରା ପ୍ରମୁଖ କର୍ମଶାଳାର ମହତ୍ତ୍ୱ ବର୍ଣ୍ଣନା କରିଥିଲେ। ଗଣିତ ଓ ଗଣନା ଶିକ୍ଷାକୁ ପ୍ରୋତ୍ସାହିତ କରିବା କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଶେଷରେ ସମସ୍ତ ପ୍ରତିଯୋଗୀ ଓ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଯାଇଥିଲା। ଗଣିତ ବିଭାଗର ମୁଖ୍ୟ ପ୍ରଫେସର ମହେନ୍ଦ୍ର କୁମାର ଜେନା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରଫେସର ଜ୍ଞାନରଞ୍ଜନ ଶିଅଳ, ସଂଗଣକ ବିଭାଗର ପ୍ରଫେସର ସନ୍ତୋଷ କୁମାର ମାଝି ସଂଯୋଜନା କରିଥିଲେ। ଶେଷ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଫ୍ଲୋରେନ୍ସ ବିଶ୍ୱବିଦ୍ୟାଳୟ, ଇଟାଲିର ପ୍ରଫେସର କୋଷ୍ଟାଞ୍ଜା କଣ୍ଟି ନିଜର ବୈଷୟିକ ବିବୃତି ପ୍ରଦାନ କରିଥିଲେ।


କର୍ମଶାଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

**ଭିସୁଟ୍‌ରେ ଅନ୍ତର୍ଜାତୀୟ କର୍ମଶାଳା**

## ଡିଏଚ୍‌ଏଚ୍‌ରେ ଚତୁର୍ଥଶ୍ରେଣୀ କର୍ମଚାରୀ ରାଜ୍ୟ ଉପଦେଷ୍ଟା

**ସମ୍ବଲପୁର,୨୨।୮(ଶୁଭାଶିଷ ପାଢ଼ୀ):** ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ରାଜ୍ୟ ଚତୁର୍ଥଶ୍ରେଣୀ କର୍ମଚାରୀ ରାଜ୍ୟ ଉପେଦେଷ୍ଟା ତଥା ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ପହଞ୍ଚିଥିଲେ। ସେଠାରେ ସେ ସିଡିଏମ୍‌ଓଙ୍କ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପରେ ମେଡିକାଲ ପରିଦର୍ଶନ କରିବା ସହ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

## ଟ୍ରେନରେ କଟି ଯୁବକ ମୃତ

**ବରପାଲି,୨୨।୮(ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲା ବରପାଲି ରେଳ ଷ୍ଟେଶନରେ ମଙ୍ଗଳବାର ଏଲ୍‌ଏପି-ବୋକାରୋ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାବୁଲୁ ଚୌଧୁରୀ (୨୬)। ସେ ଗୁପଚୁପ ବେପାର କରି ବରପାଲି ତହସିଲ ଛକ ନିକଟରେ ସପରିବାର ରହୁଥିଲେ। ତାଙ୍କ ପକେଟରୁ ଟିଟିଲାଗଡରୁ ବରପାଲି ଏକ ଟ୍ରେନ ଟିକେଟ ମିଳିଥିବାରୁ ତାଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ନା ଆତ୍ମହତ୍ୟା ଜଣାପଡିନାହିଁ। ରେଲୱେ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

## ଶୋଭାରାମଙ୍କୁ ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଦାୟିତ୍ୱ



ଜିଲାପାଳଙ୍କୁ ସାକ୍ଷାତ କରିବା ଅବସରରେ ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ।

**ସମ୍ବଲପୁର,୨୨।୮(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା ପରିଷଦର ପୂର୍ବତନ ସଭାପତି ତଥା ବିଜେଡ଼ି ନେତା ଶୋଭାରାମ ପଧାନ ସମ୍ବଲପୁର ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରି ତାଙ୍କୁ ଏହି ପଦରେ ନିଯୁକ୍ତି ଦେଇଥିଲେ। କାର୍ଯ୍ୟଭାର ଗ୍ରହଣ କରିବା ପରେ ସେ ଜିଲାପାଳ ଅନନ୍ୟା ଦାସଙ୍କୁ ସାକ୍ଷାତ କରିଥିଲେ। ଶୋଭାରାମ ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ହେଲା ସମ୍ବଲପୁର ଜିଲା ରାଜନୀତିର ଜଣେ ଜଣାଶୁଣା ଚେହେରା। ୧୯୯୭ରୁ ୨୦୦୨ ମସିହା ଯାଏ ଜିଲା ପରିଷଦ ସଭ୍ୟ ଓ ୨୦୦୭ରୁ ୨୦୧୨ ଯାଏ ଜିଲା ପରିଷଦର ସଭାପତି ଥିଲେ। ୨୦୦୪ ଓ ୨୦୧୯ ମସିହାରେ ସେ କୁଚିଣ୍ଡା ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ରହିଥିଲେ। ଦାୟିତ୍ୱ ଗ୍ରହଣ ପରେ ଶୋଭାରାମ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ସମୟରେ ଆଦିବାସୀଙ୍କ ମଙ୍ଗଳ ପାଇଁ କାମ କରିଆସୁଛନ୍ତି। ଆଦିବାସୀ ଅଞ୍ଚଳର ପ୍ରତ୍ୟେକ ପରିବାର ପାଖରେ ଯୋଜନା ପହଞ୍ଚାଇବା, ସେମାନଙ୍କ ଅଧିକାର ପାଇଁ ଲଢେଇ କରିବା, ସୁଖଦୁଃଖରେ ଛିଡ଼ାହେବାର ସୁଯୋଗ ମିଳିଛି। ଏହି ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛି ବୋଲି ସେ କହିଥିଲେ।

## ଧାର୍ଯ୍ୟ ସମୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କର: ଜିଲାପାଳ


ସମୀକ୍ଷା ବୈଠକରେ ଜିଲାପାଳଙ୍କ ସହ ଅଧିକାରୀମାନେ।

**ସମ୍ବଲପୁର,୨୨।୮(ଶୁଭାଶିଷ ପାଢ଼ୀ)**

ଜିଲାପରିଷଦ ସମ୍ମିଳନୀ କକ୍ଷରେ ଉନ୍ନୟନମୂଳକ କାମକୁ ନେଇ ଜିଲାପାଳ ଅନନ୍ୟା ଦାସ ସମୀକ୍ଷା କରିଛନ୍ତି। ବୈଠକରେ ଜିଲାର ସମସ୍ତ ବିଡ଼ିଓ ଓ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟତଃ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ ଘର, ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ, ଓରମାସ, ପାନୀୟ ଜଳ, ୫-ଟି ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ, ସାମାଜିକ ସୁରକ୍ଷା, ଉଦ୍ୟାନ, କୃଷି, ଯୋଗାଣ ଓ ଶିକ୍ଷା ବିଭାଗର କାର୍ଯ୍ୟକୁ ନେଇ ସମୀକ୍ଷା ହୋଇଥିଲା। ବିଭିନ୍ନ ଯୋଜନା ବା ପ୍ରକଳ୍ପ କାର୍ଯ୍ୟ ସମୟସୀମା ମଧ୍ୟରେ ସାରିବା ସହିତ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସରକାରଙ୍କ ବିଭିନ୍ନ ଯୋଜନା ଯେଭଳି ଲୋକଙ୍କ ପାଖରେ ପହଞ୍ଚିବ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲାପରିଷଦ ଧର୍ମେନ୍ଦ୍ର ମଲ୍ଲିକ, ଟ୍ରେନିଂ ଆଇଏଏସ୍ ଅଧିକାରୀ ସ୍ନେହା ଅରୁଗୁଲା, ରେଢ଼ାଖୋଲ, ବାମରା ଡିଏଫ୍‌ଓ ପ୍ରମୁଖ ଉପସ୍ଥିତ ଥିଲେ।

## ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ

**ଜମନକିରା/କୁଚିଣ୍ଡା,୨୨।୮ (ରବୀନ୍ଦ୍ର ପ୍ରସାଦ ଦାନି/ବିରଞ୍ଚି ଦର୍କା)**

କୁଚିଣ୍ଡା ବ୍ଲକ କୁନ୍ତରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପରିଚାଳନା କମିଟି ସମ୍ପାଦକ ପ୍ରସନ୍ନ କୁମାର ନାୟକଙ୍କ ସଭାପତିତ୍ୱରେ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ପ୍ରକୃତି ବନ୍ଧୁ ରବୀନ୍ଦ୍ର କୁମାର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ପଟେଲ, ନରେଶ ଚନ୍ଦ୍ର ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବୃକ୍ଷ ହିଁ ଜୀବନ ବୋଲି କହିଥିଲେ। ଏହାପରେ ଭରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣ ଚନ୍ଦ୍ର ପୃଷେଠ, ବୁଦ୍ଧଦେବ ଚାନ୍ଦ, ଅଙ୍କିତ ପଟେଲ, ମୁକୁନ୍ଦ ସାହୁ, ଭକ୍ତ ଓରାମ, ଗଗନ ରଣା, ବିଜୟ ଦେହୁରିଙ୍କ ନେତୃତ୍ୱରେ ଶତାଧିକ ଚାରା ରୋପଣ କରାଯାଇଥିଲା। ମୁଖ୍ୟଅତିଥି ନାୟକଙ୍କୁ ବିଦ୍ୟାମନ୍ଦିର ପକ୍ଷରୁ ସବୁଜ ଆନ୍ଦୋଳନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପ୍ରଧାନ ଆଚାର୍ଯ୍ୟ ପୃଷେଠ ଧନ୍ୟବାଦ ଅର୍ପଣ କରିଥିଲେ।



## ୫ମ ଦିନରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଧାରଣା

**ସମ୍ବଲପୁର,୨୨।୮(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଧାରଣା ମଙ୍ଗଳବାର ୫ମ ଦିନରେ ପହଞ୍ଚିଛି। ବିଭିନ୍ନ ଦାବି ନେଇ ଜିଲାର ୯ ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀ ଏଥିରେ ସାମିଲ ହୋଇଛନ୍ତି। ପ୍ରଥମେ ନିଖିଳ ଉତ୍କଳ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ସମ୍ବଲପୁରର ପୂର୍ବତନ ଜିଲା ସମ୍ପାଦକ ରୁଦ୍ରନାରାୟଣ ମିଶ୍ରଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇଥିଲା। ଓପିଆର୍‌ଏସ୍ କ୍ୟାଡର ଅନ୍ତର୍ଭୁକ୍ତ କରିବା, ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩ କରିବା, ଦରମା ହାର ବୃଦ୍ଧି, ୧୦ ବର୍ଷ କାମ କରିଥିବା ଅଧିକାରୀଙ୍କୁ ସ୍ୱତନ୍ତ୍ର ପଦରେ ନିଯୁକ୍ତି ଦେବା ଭଳି ଦାବି ରହିଥିଲା। ସଂଘର ସଭାପତି ସଭାପତି କୁଞ୍ଜ ବିହାରୀ ସାହୁ ନେତୃତ୍ୱ ନେଇଥିଲେ।


ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଛନ୍ତି ପଞ୍ଚାୟତ ନିର୍ବାହୀ ଅଧିକାରୀ।

# ସରପଞ୍ଚ ସଂଘର ବିକ୍ଷୋଭ ସମାବେଶ

**ସମ୍ବଲପୁର,୨୨।୮(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା ସରପଞ୍ଚ ସଂଘ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ ସହ ଜିଲାପାଳ ଅନନ୍ୟା ଦାସଙ୍କୁ ଭେଟି ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛି। ପ୍ରତି ପଞ୍ଚାୟତ ପାଇଁ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଓ କନିଷ୍ଠଯନ୍ତ୍ରୀ ନିଯୁକ୍ତି, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅନ୍ତତଃ ୫ଟି ଘର ଦେବାକୁ ସରପଞ୍ଚଙ୍କୁ କ୍ଷମତା ପ୍ରଦାନ, ମାସିକ ଭତ୍ତା ୨୩୫୦ଟଙ୍କାରୁ ୩୦ ହଜାରକୁ ବୃଦ୍ଧି, ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ନିୟମାନୁଯାୟୀ ନିଶ୍ଚିତ ଭତ୍ତା ପ୍ରଦାନ, ସରପଞ୍ଚଙ୍କ ଅନାସ୍ଥା ପ୍ରସ୍ତାବକୁ ଉଚ୍ଛେଦ କରିବା, ପଞ୍ଚାୟତର ବିକାଶମୂଳକ କାମରେ ସମିତିର ଅଯଥା ହସ୍ତକ୍ଷେପରୁ ମୁକ୍ତ ରଖିବା, ପଞ୍ଚାୟତ ଷ୍ଟ୍ରିଟ୍ ଲାଇଟର ବିଦ୍ୟୁତ୍ ଦେୟ ପାଇଁ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା, କାର୍ଯ୍ୟକାଳ ସମୟରେ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଲେ ପରିବାରକୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଭଳି ୧୧ ଦଫା ଦାବି ନେଇ ଜିଲା ସରପଞ୍ଚ ସଂଘ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି। ସଂଘ ସଭାପତି ପ୍ରଫୁଲ୍ଲ ମିର୍ଦ୍ଧାଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ରାମପ୍ରସାଦ ସାହୁ, ଦିବାକର ପ୍ରଧାନ, ଦିବାକର ବେହେରା, କ୍ଷୀରୋଦ ରାଉଳ, ମମତା ଭାଙ୍ଗ୍ରେ, ସଞ୍ଜୀବ ପୁରୋହିତ, ସରସ୍ୱତୀ ଭୋସାଗର, ମମତା ପୁରୋହିତ, ସୁଷମା ସାହୁ, ବିମଳ ଲାକ୍ରା, ମମତା ପ୍ରଧାନ, ଲଳିତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଲକ୍ଷ୍ମୀଟକିଜ ଛକରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ।



ବିକ୍ଷୋଭ ସମାବେଶରେ ସରପଞ୍ଚ ସଂଘ ସଦସ୍ୟମାନେ।

